


## ସଂକ୍ଷେପରେ

### ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ



**ବ୍ରହ୍ମପୁର ଅଫିସ,୩।୧୨:** ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ସ୍ଥାନୀୟ ଆମ୍ବପୁଆସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ଠାରେ ଆଇନ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ପ୍ରାଧୀକରଣ ସଚିବ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଅଧକ୍ଷ ନରେଶ କୁମାର ପଟ୍ଟନାୟକ, ଶିକ୍ଷକ ଏମ. ଦଣ୍ଡପାଣି ରାଓ, ନାରାୟଣ ନାୟକଙ୍କ ସମେତ ବହୁ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ପ୍ରାଧିକରଣର ଭୂମିକା ସହ ସେମାନଙ୍କ ନିମନ୍ତେ ସରକାରୀ ସ୍ତରରେ ରହିଥିବା ସହାୟତା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ଟାୱାଲ ଓ ଫଳ ବଣ୍ଟାଯାଇଥିଲା ।

### ଭଞ୍ଜମଣ୍ଡପରେ ସାହିତ୍ୟ ସଭା

**ବ୍ରହ୍ମପୁର ଅଫିସ, ୩।୧୨:** ସାଂସ୍କୃତିକ ପ୍ରତିଷ୍ଠାନ 'ଜାତୀୟ ସଙ୍ଗୀତ କଳାକେନ୍ଦ୍ର ପରିଚାଳିତ ସାହିତ୍ୟ ସନ୍ଧ୍ୟା ପକ୍ଷରୁ କଳାକେନ୍ଦ୍ର ପରିସରସ୍ଥ ଭଞ୍ଜ ମଣ୍ଡପରେ ସୋମବାର ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର କୃଷ୍ଣଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧାପକ ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ତଥା ନାଟ୍ୟକାର ହାଡିବନ୍ଧୁ ମାଳି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳାକେନ୍ଦ୍ରର ସମ୍ପାଦକ ସ୍ୱରଗୌରବ କୃଷ୍ଣପ୍ରସାଦ ସାବତ ସାହିତ୍ୟ ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟ ଆଲୋଚନାଚକ୍ରକୁ ଡା. ଗୋଦାବରୀଶ ଦାଶ ସଂଯୋଜନା କରିଥିଲେ । କବି ସୁବାସ ଚନ୍ଦ୍ର ସାହୁ ରୋଷନ, ମନୋଜ କୁମାର ପାଢ଼ୀ, ନିରଞ୍ଜନ ପଟ୍ଟନାୟକ, ଲକ୍ଷ୍ମଣ ମହାକୁଡ଼, ଦିବାକର ପାତ୍ର, ଅରୁଣ କୁମାର ସାହୁ, ସଞ୍ଜା ସମାହିତ ପାଢ଼ୀ, କିରଣ କୁମାର ମହାନ୍ତି, ଅର୍ଚ୍ଚନା ସାହୁ, ଉମାମଣି ସାବତ, ଭାଗ୍ୟଲତା ପଣ୍ଡା, ଉମାରାଣୀ ପଣ୍ଡା, ଇ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବି କାଳିନ୍ଦୀ ଚରଣ ନାୟକ ଧନ୍ୟବାଦ ଦେଇଥିଲେ ।

■ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରଙ୍କୁ ଓଟିଇଟି ପ୍ରବେଶିକା ଅନୁମତିକୁ ବିରୋଧ

# ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କ ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୩।୧୨**

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରବେଶିକା ପରୀକ୍ଷାରେ ଭାଗନେବା ପାଇଁ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥା (ଏନ୍‌ଆଇଓଏସ୍)ର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ବିରୋଧ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ବ୍ରହ୍ମପୁରରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗିରି ରୋଡ଼ସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ(ମହିଳା)ର ଡିଇଏଲଇଡ଼ି (ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ) ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୁଇ ବର୍ଷିଆ ଏହି ପାଠ୍ୟକ୍ରମର ପ୍ରଥମ ବର୍ଷରେ ଥିବା ୯୭ ଏବଂ ଦ୍ୱିତୀୟ ବର୍ଷରେ ଥିବା ୮୯ ଛାତ୍ରୀ ଆନ୍ଦୋଳନ କରିଛନ୍ତି।

ଛାତ୍ରୀମାନଙ୍କ ଅଭିଯୋଗ ଯେ, ଡିଇଏଲଇଡ଼ି ଛାତ୍ରୀଛାତ୍ରମାନେ ୨ ବର୍ଷ ପଢ଼ୁଛନ୍ତି। ହେଲେ ଏନ୍‌ଆଇଓଏସ୍‌ରେ ମାତ୍ର ୩୦ଦିନ ଶ୍ରେଣୀକୁ ଗଲେ ସାର୍ଟିଫିକେଟ୍ ମିଳିଯାଉଛି। ସେଥିରେ ପୁଣି ବ୍ୟାପକ ଜାଲିଆତି ହେଉଛି। ଏନ୍‌ଆଇଓଏସ୍‌ରେ ନାମ ଲେଖାଇବା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ନାହିଁ । ଏପରିକି ନାମ ଲେଖା ପାଇଁ ଶିକ୍ଷାଗତ ଯୋଗ୍ୟତାରେ ମଧ କୋହଳ ରହିଛି। କୌଣସି ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରିବା ସହ ଡିଷ୍ଟାନ୍ସରେ ଏନ୍‌ଆଇଓଏସ୍‌ରେ ନାମ ଲେଖାଉଛନ୍ତି। କୌଣସି ତାଲିମ୍ ବ୍ୟବସ୍ଥା ରହୁନି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଟିଇଟି ପ୍ରବେଶିକା ପରୀକ୍ଷା ପାଇଁ ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରଙ୍କୁ କାହିଁକି ଅନୁମତି ଦିଆଯାଉଛି ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ ଉଠାଇଛନ୍ତି ।

ଅନ୍ୟପଟେ ମାଧମିକ ଶିକ୍ଷା ପରିଷଦ ତରଫରୁ ଓଟିଇଟି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ତାରିଖ ନଭେମ୍ବର ୨୭ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇ ଡିସେମ୍ବର ୧୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି । ଏନ୍‌ଆଇଓଏସ୍ ଅଧୀନରେ ଡିଇଏଲଇଡ଼ି କରୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଆବେଦନ କରିପାରିବେ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ସରକାର ଏନ୍‌ଆଇଓଏସ୍ ଛାତ୍ରୀଛାତ୍ରଙ୍କ ପାଇଁ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ନିୟମିତ ଡିଇଏଲଇଡ଼ି ଛାତ୍ରୀଛାତ୍ରମାନେ ପ୍ରଭାବିତ ହେବେ ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଆନ୍ଦୋଳନରେ ସୁଜିତା ଦାସ, ଶୁଶ୍ରୀ ସରସ୍ୱତୀ ସାହୁ, ରାଧାରାଣୀ ସାହୁ, କସ୍ତୁରି ପ୍ରହରାଜ, ଭବାନୀ କର, ପ୍ରିୟଙ୍କା କୁମାରୀ ସାହୁ, ମଧୁସ୍ମିତା ପାତ୍ର, ପ୍ରିୟଙ୍କା ବେହେରା, ଶିବାନୀ ସେଠୀ, ମାମୁନି ଡାକୁଆ, ଅନୁସ୍ମିତା କୁମାରୀ ନାୟକ, ଦୀପ୍ତିରାଣୀ, ତପସ୍ୱିନୀ ରଇତ, ଭୂମିକା ବେହେରା, ଚିନ୍ମୟୀ ଦାସ, ସରସ୍ୱତୀ ବାଡ଼ତ୍ୟା, ବନ୍ଦନା ସେଠୀ, ରଚନା ପ୍ରଧାନ, ଗୀତାଞ୍ଜଳି ଜେନା, ପ୍ରିୟଙ୍କା ରାଣୀ ଦାସ, ସର୍ମିଷ୍ଠା ଦାସ, ଅଞ୍ଜଳି ମହାରଣା, ମିନାକ୍ଷୀ ମେହେରଙ୍କ ସମେତ ଶତାଧିକ ଛାତ୍ରୀ ସାମିଲ୍ ହୋଇଥିଲେ ।



ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ସମ୍ମୁଖରେ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଗଞ୍ଜାମ ବକ୍ସିଂ ଦଳ ମନୋନୀତ


ଗଞ୍ଜାମ ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ।

**ବ୍ରହ୍ମପୁର ଅଫିସ,୩।୧୨**

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ତରଫରୁ ବ୍ରହ୍ମପୁର ଷ୍ଟାଡିୟମ୍ ଠାରେ ଜିଲା ବକ୍ସିଂ ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀଙ୍କ ପ୍ରତିଭା ଦେଖିବା ପରେ ୫ ବାଳିକା ଏବଂ ୧୩ ବାଳକଙ୍କୁ ଚୟନ କରାଯାଇଛି । ବାଳିକା ଦଳରେ ସୌମ୍ୟାରାଣୀ ସିୟ, ସୁନିତା ଗୌଡ଼, ଏସ୍. ରୋଜା ଆଚାରୀ, ଜୟଲକ୍ଷ୍ମୀ ମିଶ୍ର ଏବଂ ଏନ୍.ବୀଣାପାଣି ରହିଛନ୍ତି। ସେହିପରି ବାଳକ ଦଳରେ କେ. ଅନିଶ କୁମାର ସୁବୁଦ୍ଧି, ରମେଶ କୁମାର ନାୟକ, କେ.ମଣ୍ଟୁ ପାତ୍ର, ଶଙ୍କର ସାହୁ, ଅସିତ ପାଣିଗ୍ରାହୀ, ଶିବରାମ ମହାକୁଡ଼, ରୋହିତ କୁମାର ବେହେରା, ସଂଗ୍ରାମ ବିଶ୍ୱାଳ, ଅମିତ କୁମାର ପାତ୍ର, ବି. ସୂରଜ, ଆଶିଷ କୁମାର ଜେନା, ଆଦିତ୍ୟ କୁମାର ମହାନ୍ତି ଏବଂ ଏ.ଜଗଦିଶ ପାତ୍ର ଚୟନ ହୋଇଛନ୍ତି । ଏମାନେ ରାଉରକେଲା ଠାରେ ହେବାକୁ ଥିବା ରାଜ୍ୟ ଜୁନିୟର୍ ବକ୍ସିଂ ଦଳ ଚୟନ ଶିବିରରେ ଭାଗନେବେ । ଦଳ ସହ ମ୍ୟାନେଜର ଏବଂ କୋଚ୍ ଭାବେ ସୁମନ ଦାସ, ବୁଲୁ ପାତ୍ର, ଲିଟୁ ଦାସ, ଶିବରାମ ପାତ୍ର ଏବଂ ଶିଶିର କୁମାର ପାଣିଗ୍ରାହୀ ରାଉରକେଲା ଯାତ୍ରା କରିଛନ୍ତି । ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ ସାହୁ, ଉପସଭାପତି ତାରିଣୀ ସାମନ୍ତରାୟ, ଶରତ ମହାପାତ୍ର, ବିଜୟ ଭାସ୍କର ସିଂ ସାମନ୍ତ, ଉପେନ୍ଦ୍ର ପଟ୍ଟନାୟକ, ବସନ୍ତ ପାଣିଗ୍ରାହୀ, ବକ୍ସିଂ ସଂପାଦକ କେ. ପ୍ରଭାକର ରାଓ, କୋଚ୍ ଅରକ୍ଷିତ ପାଣିଗ୍ରାହୀ, ବକ୍ସର ମମତା ପଣ୍ଡା ଏବଂ ଲଡୁ କିଶୋର ସାହୁ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଲାଞ୍ଜିପଲ୍ଲୀ ବୋମାମାଡ଼ ଘଟଣା

## ସୁନୀଲଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୩।୧୨**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀରେ ହୋଇଥିବା ବୋମାମାଡ଼ ଘଟଣାର ଷଡ଼ଯନ୍ତ୍ରକାରୀ ସୁନୀଲ ବେହେରାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି । ସୁନୀଲ ବର୍ତ୍ତମାନ ଭଞ୍ଜନଗର ଜେଲରେ ଅଛନ୍ତି । ଗତ ଜୁଲାଇ ମାସ ୮ ତାରିଖରେ ଚିକେନ ରବି ଓରଫ ରବୀନ୍ଦ୍ର ବେହେରା ହତ୍ୟା ମାମଲା ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ ବିଷୋୟୀ ଓ ସହଯୋଗୀମାନେ କାରରେ ଯାଉଥିଲେ । ଏହି ସମୟରେ କାର ଉପରକୁ କିଛି ଦୁର୍ବୃତ୍ତ ବୋମାମାଡ଼ କରିଥିଲେ । ଏଥିରେ ସୁଶାନ୍ତ ସମେତ ଅନ୍ୟମାନେ ଆହତ ହୋଇଥିଲେ । ପୋଲିସ ଏହି ମାମଲାର ପର୍ଯ୍ୟାୟକ୍ରମେ ୧୦ ଅଭିଯୁକ୍ତଙ୍କୁ ଗିରଫ କରି ସୁନୀଲଙ୍କୁ ରିମାଣ୍ଡ ଦେଇଥିଲା । ଏହି ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଇସାନ କୁମାର ଦାଶ ଷଡ଼ଯନ୍ତ୍ରକାରୀ ସୁନୀଲ ସମେତ ୫ ଜଣଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ମୁଦାଲାଙ୍କ ତରଫରୁ ଆଇନଜୀବୀ କୁନାଲ ସାହୁ, ସୁଧୀର କୁମାର ପାତ୍ର ମକଦ୍ଦମା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାରେ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଜାମିନ ମିଳିସାରିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ରକ୍ତଭଣ୍ଡାର କର୍ମଚାରୀଙ୍କ ଆନ୍ଦୋଳନ

# ମୁଖ୍ୟମନ୍ତ୍ରୀଙ୍କୁ ଫୋରମ ଫର୍ ଗଞ୍ଜାମର ନିବେଦନ ପତ୍ର

**ବ୍ରହ୍ମପୁର ଅଫିସ,୩।୧୨:** ବ୍ରହ୍ମପୁର ଏମକେସିଜି ରକ୍ତଭଣ୍ଡାର କର୍ମଚାରୀ ବିଭିନ୍ନ ଦାବି ନେଇ ମଙ୍ଗଳବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଆନ୍ଦୋଳନ ୭ ଦିନରେ ପହଞ୍ଚିଥିଲେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦ୍ୱାରା ରକ୍ତ ଆବଶ୍ୟକ କରୁଥିବା ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ରକ୍ତଭଣ୍ଡାର କର୍ମଚାରୀଙ୍କ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସୋମବାର ସାମାଜିକ ଅନୁଷ୍ଠାନ ଫୋରମ ଫର ଗଞ୍ଜାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି । ରକ୍ତ ଭଣ୍ଡାର କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ରକ୍ତଦାନ ଶିବିର ଆୟୋଜନ ହୋଇପାରୁନାହିଁ । ରକ୍ତର ଅଭାବ ଯୋଗୁ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ହୋଇପଡୁଛି । ରକ୍ତଭଣ୍ଡାର ଗୁଡିକରେ ସ୍ୱଳ୍ପ ଦରମାରେ କାର୍ଯ୍ୟକରି ଆସୁଥିବା କର୍ମଚାରୀଙ୍କ ଦାବି ତୁରନ୍ତ ପୂରଣ କରିବାକୁ ଅନୁଷ୍ଠାନର ସଂଯୋଜକ ସୁଧୀର କୁମାର ରାଉତ, ଇ. ତେଜେଶ୍ୱର ରାଓ, ଜେ. ସୁରେଶ, ମାନସ ପାତ୍ର, ଏସଏସ ଖାଡଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ପି.କେ ମୁନି ପ୍ରମୁଖ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

# ମୁକ୍ତ ଆକାଶ ପକ୍ଷରୁ ଦିବ୍ୟାଙ୍ଗ ଦିବସ

**ବ୍ରହ୍ମପୁର ଅଫିସ,୩।୧୨**

ଦୃଷ୍ଟିହୀନ କଲ୍ୟାଣ ସଂଗଠନ 'ମୁକ୍ତ ଆକାଶ' ତରଫରୁ ସୋମବାର ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ଉତ୍କଳ ସିନେମା ହଲ୍ ଛକରୁ ବାହାରିଥିଲା । ରାମଲିଙ୍ଗମ୍ ଟ୍ୟାଙ୍କ ରୋଡ ଠାରେ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ସହନିର୍ଦ୍ଦେଶକ ଡ. ହୃଷୀକେଶ ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଦୃଷ୍ଟିହୀନ ସେବା କେନ୍ଦ୍ରର ସଭାପତି ଡ. ଜୟନ୍ତ ରାଓ, ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, ଏସ୍ଏମ୍ଆଇଟି ସଭାପତି ଭଗବାନ ଗନ୍ତାୟତ, ମୁକ୍ତ ଆକାଶର ଉପଦେଷ୍ଟା ସୁଧାଂଶୁ ଶେଖର ପଣ୍ଡା ଏବଂ ପ୍ରଭାତ କିରଣ ଷଡଙ୍ଗୀ ଉପସ୍ଥିତ ଥିଲେ । ସଭାପତି ନିରଞ୍ଜନ ବାଡ଼ତ୍ୟା ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ 'ଦେଶର ବିକାଶରେ ଦିବ୍ୟାଙ୍ଗମାନଙ୍କ ଭୂମିକା, ଦିବ୍ୟାଙ୍ଗ ମାନଙ୍କ ଆବଶ୍ୟକତା, ଦିବ୍ୟାଙ୍ଗ ମାନଙ୍କୁ ସ୍ୱତନ୍ତ୍ର ବିଭାଗ ଏବଂ କ'ଣ କଲେ ଦିବ୍ୟାଙ୍ଗ ମାନଙ୍କ ଅଗ୍ରଗତି ହେବ' ବିଷୟ ଉପରେ ଆଲୋଚନା କରାଯାଇଥିଲା । ଦୃଷ୍ଟିହୀନମାନେ ଦିବ୍ୟାଙ୍ଗ ଭତ୍ତା ୩ଶହରୁ ୨ହଜାର ଟଙ୍କାକୁ ବୃଦ୍ଧି, ସହାୟକ ଉପକରଣଗୁଡ଼ିକର ମାନ ବୃଦ୍ଧି କରିବା, ନିଯୁକ୍ତି କ୍ଷେତ୍ରରେ ୧୦ପ୍ରତିଶତ ସଂରକ୍ଷଣ, ନିର୍ବାଚନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା, ବିବାହ ପ୍ରୋତ୍ସାହନ ରାଶି ୫୦ହଜାର ଟଙ୍କାରୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି ସହ ଅନ୍ୟାନ୍ୟ ସମସ୍ୟା ଏବଂ ଦାବି ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ପରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।



ଦିବ୍ୟାଙ୍ଗମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।




### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


@ ଭାସ୍କର


@ ଜନ୍ମେଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବିଜୁ ଯୁବବାହିନୀର ରନ୍ ଫର୍ ହକି

**ବ୍ରହ୍ମପୁର ଅଫିସ,୩।୧୨**

ବ୍ରହ୍ମପୁର ମହାନଗର ନିଗମର ୩ ନମ୍ବର ୱାର୍ଡ଼ରେ ବିଜୁ ଯୁବ ବାହିନୀ ତରଫରୁ ରନ୍ ଫର୍ ହକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଦ୍ଧି ବିନାୟକ ମନ୍ଦିରରୁ ମାରାଥନ୍ ବାହାରି ଟାଟା ବେଞ୍ଜ ଛକ, କମାପଲି ଛକ, ଆର୍.କେ ହୋଷ୍ଟେଲ୍, ଗିରି ରୋଡ ହୋଇ ସଂସ୍କୃତି ଭବନରେ ପହଞ୍ଚିଥିଲା। ହକି ବିଶ୍ୱକପ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ଏହାର ସଫଳତା କାମନା କରାଯାଇଥିଲା । ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ବିଜେଡ଼ି ନେତ୍ରୀ ସଂଘମିତ୍ରା ଦଳାଇ, ଜେ. ଚନ୍ଦ୍ରଶେଖର, ଅରୁଣ ପଣ୍ଡା, ସୁଶାନ୍ତ ସାବତ, ସସ୍ମିତା ମହାରଣା, ଅଶୋକ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ କେଦାରନାଥ ପଣ୍ଡା, ପ୍ରମୋଦ ପଣ୍ଡା ପରିଚାଳନା କରିଥିଲେ । ଯୁବ ବାହିନୀର ସଭାପତି ରିଙ୍କୁ ମହାରଣା, ଟି. ଅଜୟ କୁମାର, ସୁରେନ୍ଦ୍ର ମହାରଣା, ମୁନା ବେହେରା, ମମତା ରାଣୀ ରାୟ, ଭିକ୍ଷାଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ଟୁନା ପାଣିଗ୍ରାହୀ, ଦଣ୍ଡ ମିଶ୍ର, ମମତା ସାହୁ, ରନ୍ମଣୀ କଟନି, ଗୋପାଳ ଡାକୁଆ, ସମୀର ସେଠୀ, ଟୁନା ପାଢ଼ି ପ୍ରମୁଖ ଭାଗନେଇଥିଲେ । ଧ୍ରୁରେନ୍ ମହାରଣା ଏବଂ ମହେଶ ଚନ୍ଦ୍ର ମହାରଣା ସଂଚାଳନ କରିଥିଲେ ।

INDIAN PORT RAIL CORPORATION LTD
(A Govt. Of India Enterprise)
Under Ministry of Shipping
"Carting Of Concrete Sleepers From Kaipadar Road Station of East Coast Railway To Paradip Port"
Tender No. :
IPRCL/BBS/T/PPT-BOT/2
DT 01/12/2018
OPEN TENDER, Estimated cost Rs 108 Lakh, Date of Opening 08-01-2019 For details, please visit www.iprcl.org



## ସଂକ୍ଷେପରେ

### କ୍ଷୁଦ୍ରଗଳ୍ପ ଆସର



**ବ୍ରହ୍ମପୁର ଅଫିସ,୩।୧୨:** ନେତାଜୀ ସାରସ୍ୱତ ମଞ୍ଚ ତରଫରୁ କ୍ଷୁଦ୍ର ଗଳ୍ପ ଆସର ଉତ୍କଳ ଆଶ୍ରମ ସଭା ଗୃହରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂପାଦକ ନଳିନୀକାନ୍ତ ଗୌଡ଼ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱର୍ଣ୍ଣମୟୀ ପାଢ଼ୀ ଭାଗବତର ଏକ ଅଧ୍ୟାୟ ଆବୃତି କରିଥିଲେ । ସନ୍ତୋଷ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଡିସେମ୍ବର ଗଳ୍ପ ଆସରରେ ସ୍ୱର୍ଣ୍ଣମୟୀଙ୍କ ସମେତ ସରୋଜିନୀ ସାହୁ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଚନ୍ଦ୍ରମଣୀ ସ୍ୱାଇଁ, ଶାଶ୍ୱତ ମିଶ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଶରତ କୁମାର ଦାସ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଡ. କୁଳମଣି ଓଝା ଗଳ୍ପଗୁଡ଼ିକର ସମୀକ୍ଷା କରିଥିଲେ । ଦିଲୀପ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

### ଏନ୍.ଆଇ.ଓ.ଏସ୍ ପ୍ରକ୍ରିୟାକୁ ବିରୋଧ

**ପାରଳାଖେମୁଣ୍ଡି, ୩।୧୨(ସ୍ୱ.ପ୍ର.):** ଏନ୍.ଆଇ.ଓ.ଏସ୍ ପ୍ରକ୍ରିୟା ବିରୋଧରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର(ଡି.ଆଇ.ଇ.ଟି)ର ଛାତ୍ରୀଛାତ୍ରମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ କେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ନାନା ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହଗୁଡ଼ିକୁ ଯାଇ ପାଠପଢ଼ା ବନ୍ଦ କରାଇଛନ୍ତି। ସେହିପରି ଏନ୍.ଆଇ.ଓ.ଏସ୍ ପକ୍ଷରୁ ଚାଲିଥିବା କର୍ମଶାଳାରେ ପହଞ୍ଚି ହୋହଲ୍ଲା କରି ତାହାକୁ ବନ୍ଦ କରିଦେଇଥିଲେ। ଛାତ୍ରୀଛାତ୍ରମାନେ କହିଛନ୍ତି ଯେ, ଦୁଇବର୍ଷ ଧରି ସେମାନେ ଉକ୍ତ କେନ୍ଦ୍ରରେ ପାଠପଢ଼ା ସାରି ଓ.ଟି.ଇ.ଟି ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପରେ ଚାକିରି ସୁଯୋଗ ମିଳିପାରୁଛି। ମାତ୍ର ସରକାରଙ୍କ ନୂତନ ନିୟମ ଅନୁଯାୟୀ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏନ୍.ଆଇ.ଓ.ଏସ୍ ପ୍ରକ୍ରିୟା ମାଧ୍ୟମରେ ଓ.ଟି.ଇ.ଟି ଦେବାକୁ ଯୋଗ୍ୟ ହୋଇ ପାରିବେ। ଏହା ଫଳରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଘେରକୁ ଚାଲିଯିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

### ସଚେତନତା ଶିବିର

**ପାରଳାଖେମୁଣ୍ଡି, ୩।୧୨(ସ୍ୱ.ପ୍ର.):** ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଉପଲକ୍ଷେ ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠ ଗ୍ରାମସ୍ଥିତ ନିୟତି ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାଜଜ୍ ଅରୁଣ କୁମାର ସାହୁ ଯୋଗଦେଇ ମାନସିକ ଭାବେ ସୁସ୍ଥ ରହିବାକୁ ପରାମର୍ଶ ଦେବା ସହ ଦିବ୍ୟାଙ୍ଗଙ୍କ ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଗଠିତ କମିଟି ଓ ତା'ର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ।

■ ପ୍ରସ୍ତାବରେ ଅଟକିଛି ଗ୍ରେଟର ବ୍ରହ୍ମପୁର ଗଠନ

# ମହାନଗରରେ ମିଶ୍ରଣ ହେଉନି ପାର୍ଶ୍ୱ ତଳି ଅଞ୍ଚଳ

**ବ୍ରହ୍ମପୁର ଅଫିସ,୩।୧୨**

■ ବିଡିଏ ପ୍ରସ୍ତୁତ କରିନି ମାଷ୍ଟର ପ୍ଲାନ

■ ଘୋଷଣାରେ ସୀମିତ ସର୍ବକ୍ଷମା ଯୋଜନା

ଗଞ୍ଜାମ ଜିଲାର ୩ ସହରାଞ୍ଚଳ ବ୍ରହ୍ମପୁର ମହାନଗର ନିଗମ, ଛତ୍ରପୁର ଓ ଗୋପାଳପୁର ଏନଏସିକୁ ନେଇ ଗ୍ରେଟର ବ୍ରହ୍ମପୁର ଗଠନ ପ୍ରସ୍ତାବରେ ଅଟକି ଯାଇଛି। ଅନ୍ୟପକ୍ଷରେ ୧୫୧ ବର୍ଷର ସର୍ବ ପୁରାତନ ବ୍ରହ୍ମପୁର ପୌରସଂସ୍ଥାକୁ ରାଜ୍ୟ ସରକାର ମହାନଗର ନିଗମ (ମ୍ୟୁନିସିପାଲ କର୍ପୋରେଶନ)ରେ ପରିଣତ କରିବାର ୧୦ ବର୍ଷ ପୂରିଛି । ସେହିପରି ପୂର୍ବ ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ)କୁ ବ୍ରହ୍ମପୁର ଉନ୍ନୟନ ଅଥରିଟି (ବିଡିଏ) କରାଯିବାର ୨୮ ବର୍ଷ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇ ନ ପାରିବା ଉଦ୍‌ବେଗର କାରଣ ହୋଇଛି ।

୨୦୦୮ ଡିସେମ୍ବର ୩୦ରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ପରିଣତ ହୋଇଥିବା ସରକାରୀ ଗେଜେଟ ନୋଟିଫିକେଶନ ହୋଇଥିଲା । ଚତୁପାର୍ଶ୍ୱରେ ଥିବା ନିମଖଣ୍ଡି, ଲୋଚାପଡ଼ା, ଭାବିନୀପୁର, ବଡ଼ଗୁମୁଲା, ପଲୀଗୁମୁଲା, ସାନକୁଶସ୍ଥଳି, ନରେନ୍ଦ୍ରପୁର, ଆରୁଆପଲୀ, ଗଉଞ୍ଜୁ, ଫୁଲଟା ସମେତ ୨୪ ଖଣ୍ଡ ଗ୍ରାମକୁ ବାଉଣ୍ଡ୍ରି ଭାବେ ଦର୍ଶାଯାଇଥିଲା । ସେହି ଗ୍ରାମଗୁଡ଼ିକ ମହାନଗର ନିଗମରେ ମିଶିବା ଆଶା କରାଯାଇଥିଲା । ଫଳରେ ମହାନଗର ନିଗମର କଳେବର ବୃଦ୍ଧି ପାଇବ ଏବଂ ଅଧିକ ପରିମାଣର ସରକାରୀ ଅନୁଦାନ ମିଳିବ। ଏହାଦ୍ୱାରା ବିକାଶ ଆଶାନୁରୂପ ହୋଇପାରିବ। ତେବେ ନିଗମକୁ ୧୦ ବର୍ଷ ପୂରିବା ସତ୍ତ୍ୱେ ପାର୍ଶ୍ୱ ଅଞ୍ଚଳ ଗୁଡ଼ିକ ମିଶ୍ରଣ ହୋଇପାରିନାହିଁ କି ରାଜନୈତିକ ସ୍ତରରେ ଏଥିପାଇଁ ଉଦ୍ୟମ ମଧ୍ୟ କରାଯାଉନାହିଁ ।

ଅପରପକ୍ଷରେ ସହରତଳି ଅଞ୍ଚଳଗୁଡ଼ିକ ବିଏମସିରେ ମିଶ୍ରଣ ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୧ ମାସ ହେବ ପ୍ରତି ରବିବାର ଆନ୍ଦୋଳନ ଜାରି ରହିଛି । ମହାନଗରକୁ ଲାଗି ରହିଥିବା ବ୍ରଜନଗର, ସିଦ୍ଧାର୍ଥ ନଗର ଓ ଅନ୍ୟ ନୂଆ ବସ୍ତିଗୁଡ଼ିକ ବିଭିନ୍ନ ପଞ୍ଚାୟତରେ ରହିଛି । ତେଣୁ ସେ ସବୁ ବସ୍ତିରେ ବିକାଶ ଗୁରୁତର ବାଧାପ୍ରାପ୍ତ ହୋଇଛି। ଇତିମଧ୍ୟରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସର୍ବଦଳୀୟ ବୈଠକ କରାଯାଇ ସମର୍ଥନ ଲୋଡ଼ାଯାଇଛି । ବୈଠକରେ ଶାସକ ବିଜେଡିର କେହି ଯୋଗ ନ ଦେବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତଳି ଅଞ୍ଚଳ ଗୁଡ଼ିକ ମହାନଗରରେ ମିଶ୍ରଣ ପାଇଁ ପଞ୍ଚାୟତ ବୈଠକରେ ପ୍ରସ୍ତାବ ଗୃହୀତ ହେବାର ନିୟମ ରହିଛି । ସେହି ପ୍ରସ୍ତାବ ପଞ୍ଚାୟତ ସମିତି (ବ୍ଲକ) ବୈଠକରେ ଉପସ୍ଥାପିତ ଏବଂ ଗୃହୀତ ହେବା ପରେ ଜିଲା ପଞ୍ଚାୟତ ବିଭାଗ ଏବଂ ଜିଲାପାଳଙ୍କୁ ଦିଆଯିବାର ବ୍ୟବସ୍ଥା ରହିଛି । ଜିଲାପାଳ ସମୀକ୍ଷା କରି ପଞ୍ଚାୟତରାଜ ବିଭାଗକୁ ସୁପାରିଶ କରିବା ପରେ ତାହା ନଗର ଉନ୍ନୟନ ବିଭାଗକୁ ଯିବ । ସେଠାରେ ଅନୁମୋଦନ ହେଲେ ମିଶ୍ରଣ ହୋଇପାରିବ । ତେବେ ୨୦୦୭, ୨୦୧୨ ଓ ୨୦୧୭ରେ ୩ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇଯାଇଛି। କୌଣସି ପଞ୍ଚାୟତରେ ମିଶ୍ରଣ ଲାଗି ପ୍ରସ୍ତାବ ଗୃହୀତ ହୋଇନଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି । ବ୍ରହ୍ମପୁର ବିଧାୟକ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି ।

ସେହିପରି ବିଡିଏର ୨୦୧୧ ମସିହା ଅଥରିଟି ବୈଠକରେ ୩ ସହରାଞ୍ଚଳକୁ ନେଇ ଗ୍ରେଟର (ବୃହତ୍ତର) ବ୍ରହ୍ମପୁର ଗଠନ ନେଇ ସ୍ଥିର ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳର ୧୩୯ ରାଜସ୍ୱ ମୌଜାକୁ ସାମିଲ କରାଯିବାର ପ୍ରସ୍ତାବ ଥିଲା । ଏହାର ୭ ବର୍ଷ ବିତିଛି ଏବଂ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଗ୍ରେଟର ବ୍ରହ୍ମପୁର ସ୍ୱପ୍ନରେ ରହିଯାଇଛି । ଅନ୍ୟପକ୍ଷରେ ପୁରାତନ ସହର ବ୍ରହ୍ମପୁରରେ ଏଯାବତ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇନଥିବା ବିଡିଏର ବିଫଳତା ପଦାରେ ପଡ଼ିଛି । ପ୍ଲାନ ଅନୁମୋଦନ ବିନା ମହାନଗରରେ ଶହ ଶହ ଘର ନିର୍ମାଣ ହୋଇଛି । ଗୃହ ମାଲିକମାନେ ଆବଶ୍ୟକସ୍ଥଳେ ବ୍ୟାଙ୍କଋଣରୁ ବଞ୍ଚିତ ହେଉଛନ୍ତି । ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ସହରରେ ସର୍ବକ୍ଷମା ଯୋଜନା ଦ୍ୱାରା ଜରିମାନା ଆଦାୟ କରି ପ୍ଲାନ ଅନୁମୋଦନ କରାଯିବାର କିଛି ମାସ ତଳେ ସରକାରୀ ନିଷ୍ପତ୍ତି ନିଆଯାଇଛି । ତେବେ ବ୍ରହ୍ମପୁରରେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ । ଏ ନେଇ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା କହିଛନ୍ତି, ସରକାରଙ୍କ ଘୋଷଣା ଉପରେ ମାମଲା ଅଦାଲତକୁ ଯାଇଥିବାରୁ କାର୍ଯ୍ୟକାରୀ କରିବାରେ ସମସ୍ୟା ସୃଷ୍ଟି ହୋଇଛି । ରହିତାଦେଶ ଉଠିବା ପରେ କାର୍ଯ୍ୟା ଆରମ୍ଭ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ,୩।୧୨**

ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣି କରି ସୋମବାର ଫୁଲବାଣୀ ଅତିରିକ୍ତ ଜିଲାଜଜ ତଥା ସ୍ୱତନ୍ତ୍ର ଜଜ ସୁଶାନ୍ତ ପଟେଲ ଅଭିଯୁକ୍ତ ଶିବ ରଣାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଆଉ ୧ ବର୍ଷ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୫ ମାର୍ଚ୍ଚ ୨୩ ତାରିଖରେ ଶିବ ବାଇକରେ ୧୮ କିଗ୍ରା ଗଞ୍ଜେଇ ନେଇ ଯାଉଥିବା ଗୋଛାପଡା ଥାନାକୁ ସୂଚନା ମିଳିଥିଲା। ଥାନା ଏସ୍‌ଆଇ ବିଭୁଦତ୍ତ ରାଉତରାୟ ବିଶିପଦର ଛକ ନିକଟରେ ଶିବଙ୍କୁ ଅଟକାଇ ଗଞ୍ଜେଇ ଏବଂ ବାଇକ ଜବତ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରି ଶିବଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ। ଉକ୍ତ ମାମଲାର ଶୁଣାଣି ହୋଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶିବ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।



'ଶ୍ରବଣ' ସ୍ୱତନ୍ତ୍ର ବିଦ୍ୟାଳୟରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ଲାଞ୍ଚ ମାମଲା: କିରାଣିଙ୍କୁ ମିଳିଲା ଜାମିନ

**ବ୍ରହ୍ମପୁର ଅଫିସ,୩।୧୨**

ଲାଞ୍ଚ ଗ୍ରହଣ ଅଭିଯୋଗରେ ଗିରଫ ହୋଇଥିବା ଭଞ୍ଜନଗର ବିଇଓ ଅଫିସର କିରାଣି ପ୍ରିୟଦର୍ଶୀ ଦାସଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି । ଭିଜିଲାନ୍ସ ବିଭାଗ କୋର୍ଟରେ ସିଡୀ (କେସ ଡ଼ାଏରୀ) ଦାଖଲ କରିବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଇସାନ କୁମାର ଦାଶ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଗତ ମାସ ୧୪ ତାରିଖରେ କିରାଣୀ ଦାଶ ଶିକ୍ଷା ସହାୟକମାନଙ୍କ ବକେୟା ପାଉଣା ବିଲ ପାସ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ସମୟରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା । ଏହି ମାମଲାରେ କିରାଣି ଦାଶଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି । ମୁଦାଲାଙ୍କ ତରଫରୁ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ଜାନୁୟାରୀ ୬ରେ ଶୌଣ୍ଡିକ ସମାଜର ଜାତୀୟ ସଭା

**ବ୍ରହ୍ମପୁର ଅଫିସ,୩।୧୨**

ଗଞ୍ଜାମ ଜିଲା ଶୌଣ୍ଡିକ ସମାଜର ଏକ ବୈଠକ ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଲୋଚାପଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ଉନ୍ନତି ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ୨୦୧୯ ଜାନୁୟାରୀ ୬ ତାରିଖରେ ସମାଜର ଜାତୀୟ ସ୍ତରୀୟ ସଭା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଆଠଗଡ଼ ତାଲୁକାର ସଭାପତି ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ଗୋବିନ୍ଦଚନ୍ଦ୍ର ସାହୁ, ବ୍ରହ୍ମପୁର ମହାନଗର ସଭାପତି କୁନା ସାହୁ, ଆଇନ୍‌ଜୀବୀ ସୌମିକ ସାହୁ, ଜିଲା ସମ୍ପାଦକ ଭ୍ରମରବର ସାହୁ ଉପସ୍ଥିତ ଥିଲେ। ଆଇନ୍ ପରାମର୍ଶଦାତା ନିର୍ମଳ କୁମାର ସାହୁ ଯୋଗଦେଇ ଜାତୀୟ ସ୍ତରୀୟ ସଭାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ମହାନଗର ସମ୍ପାଦକ ଯଧିଷ୍ଠିର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବୈଠକରେ ବିଭିନ୍ନ ତାଲୁକାର ସଭାପତି ଏବଂ କର୍ମକର୍ତ୍ତା ଯଥା ଟିକିଟି ତାଲୁକାର ଭାସ୍କର ସାହୁ, ଶ୍ୟାମ ସୁନ୍ଦର ସାହୁ, ବିଜୟ ସାହୁ, ସୁରଙ୍ଗି ତାଲୁକାର ହରିଶ୍ଚନ୍ଦ୍ର ସାହୁ, ବାଞ୍ଛାନିଧି ସାହୁ, ପ୍ରଣବ ସାହୁ, ମହୁରୀ ତାଲୁକାର ଦଣ୍ଡପାଣି ସାହୁ, ନଟବର ସାହୁ, ପୂର୍ବଖଣ୍ଡ ତାଲୁକାର ସୁରେନ୍ଦ୍ର ସାହୁ, ଶିଶିର ସାହୁ, ଆସିକା ତାଲୁକାର ଲକ୍ଷ୍ମ ସାହୁ, ଭଂଜନଗରର ତାଲୁକାର ଡ. ସୀମାଞ୍ଚଳ ସାହୁ, ଖଲିଙ୍ଗି ତାଲୁକାର ବିଜୟ ଚନ୍ଦ୍ର ସାହୁ, ବାସୁଦେବ ସାହୁ, ଗୋପାଳପୁର ତାଲୁକାର ବଳରାମ ସାହୁ, ବସନ୍ତ ସାହୁ, ଦିଗପହଣ୍ଡି ତାଲୁକାର ଜିତେନ୍ଦ୍ର ବିଷୋୟୀ, ଯୁଧିଷ୍ଠିର ବିଷୋୟୀ, ବଡ଼ଗଡ଼ ତାଲୁକାର ସୁବାସ ଚୌଧୁରୀ, ସୁନପୁର ତାଲୁକାର ଗଣପତି ସାହୁ, ସୋରଡ଼ା ତାଲୁକାର ଗୋପାଳ କୃଷ୍ଣ ସାହୁ, ଯୁଧିଷ୍ଠିର ସାହୁ, କୃଷ୍ଣଚନ୍ଦ୍ର ସାହୁ, ରବି ବିଷୋୟୀ, ସତ୍ୟ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଦେବରାଜ ସାହୁ, ପ୍ରେମ କୁମାର ଚୌଧୁରୀ, ଯତିନ୍ଦ୍ରନାଥ ସାହୁ ପ୍ରମୁଖ ଭାଗନେଇଥିଲେ ।

### କୃଷି ସମ୍ପର୍କିତ କର୍ମଶାଳା

**ଗଞ୍ଜାମ,୩।୧୨(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ସହ କୃଷି ଅଧିକାରୀ କାର୍ଯ୍ୟାଳୟରେ ଅଜିତ କୁମାର ମଲିକଙ୍କ ସଭାପତିତ୍ୱରେ ଶୁକ୍ରବାର କୃଷି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ହଟିକଲଚର ଅଫିସର ମୋନାଲିସା ପତି, ଆତ୍ମାର ଚେୟାରମ୍ୟାନ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଚାଷ ତଥା ଶୀତଦିନରେ ହେଉଥିବା ଚାଷର ପ୍ରଣାଳୀ ଉପରେ ଆଲୋଚନା ହୋଇଥିଲା । ଚାଷ ଜମିକୁ ଥରକୁ ଥର ଚାଷ ନକରି ପ୍ରତ୍ୟେକ ଚାଷ ପରେ ମୃତ୍ତିକାକୁ ପରୀକ୍ଷା କରି ଚାଷ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ଅଞ୍ଚଳରେ ବର୍ଷସାରା ବିଭିନ୍ନ ଚାଷ କରାଯାଉଥିବା ଯୋଗୁ ପର୍ଯ୍ୟାପ୍ତ ପରିମାଣରେ ଜଳର ଅଭାବ ହେଉଥିବା ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷକରି ଜିଏନ କଦଳୀ ଚାଷ କରୁଥିବା ଚାଷୀମାନେ ଚଳିତବର୍ଷ କ୍ଷତି ସହିଥିବା ଅଭିଯୋଗ ହୋଇଥିଲା।

## ପ୍ରାଣୀ ବିଜ୍ଞାନ ଅଧ୍ୟାପକଙ୍କ ତାଲିମ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ, ୩।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଓ ବିଶ୍ୱବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଅଧ୍ୟାପକଙ୍କ ତାଲିମ କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ ହୋଇଛି। ମାନବ ସମ୍ବଳ ବିକାଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ୨୧ ଦିନ ପର୍ଯ୍ୟନ୍ତ ଏହା ଚାଲିବ। କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଷାନ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ପାତ୍ର, କେନ୍ଦ୍ରର ଟ୍ରେନିଂ ନୋଡାଲ ଅଫିସର ସୁବାସ ଚନ୍ଦ୍ର ପରିଡା, କଲେଜ ଡେଭଲପମେଣ୍ଟ କାଉନସିଲର ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ମଞ୍ଚାସୀନ ଥିଲେ। ସିବିସିଏସ ପାଠ୍ୟକ୍ରମର ପାଠ୍ୟଖସଡ଼ା, ପାଠପଢା ଶୈଳୀ, ପାଠ୍ୟକ୍ରମ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦଘାଟନୀ ଦିବସରେ କୁଳପତି ପ୍ରଫେସର ପାତ୍ର ଓ ଅବସରପ୍ରାପ୍ତ ପ୍ରଫେସର ସୁବାଷିନୀ ପଟ୍ଟନାୟକ ଅଧ୍ୟାପିକା ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ବିଭାଗୀୟ ମୁଖ୍ୟ ତଥା ସଂଯୋଜିକା ପ୍ରଫେସର ଗୀତାଞ୍ଜଳୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୫୦ଟି କଲେଜର ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା, ଅଧ୍ୟାପକ, ଗବେଷିକା ଗବେଷକମାନେ ଯୋଗଦେଇଥିଲେ । ଡ. ସୁଧାକର ପାତ୍ର, ଡ. ସୁଶାନ୍ତ କୁମାର ବରାଳ, ଡ. ପ୍ରସନ୍ନ କୁମାର ଦୀକ୍ଷିତଙ୍କ ସମେତ ବିଭାଗର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ପାରଳାଖେମୁଣ୍ଡି, ୩।୧୨(ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଲାବଣ୍ୟଗଡ ଗ୍ରାମରେ ଗତ ୨୯ତାରିଖରେ ଅଗ୍ନିକାଣ୍ଡ ଘଟି ୧୨ଟି ଘର ପୋଡ଼ି ଯାଇଥିଲା । ଏହି ବିପନ୍ନମାନଙ୍କୁ ଶନିବାର କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି.ତିରୁପତି ରାଓ ଭେଟି ଆଶ୍ୱାସନା ଦେବା ସହ ପ୍ରତି ପରିବାରକୁ ୧ହଜାର ଟଙ୍କା ଓ ୧ବସ୍ତା ଲେଖାଏ ଚାଉଳ ପ୍ରଦାନ କରିଥିଲେ ।

## ଇତିହାସ ବିଭାଗର ପାଠଚକ୍ର

**ଗଞ୍ଜାମ, ୩।୧୨(ଡି.ଏନ.ଏ.)**

ଗଞ୍ଜାମ କଲେଜ ଅଡିଟୋରିୟମ ହଲରେ ଗୁରୁବାର ଇତିହାସ ବିଭାଗର ପାଠଚକ୍ର ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରଭାତୀ କୁମାରୀ ତ୍ରିପାଠୀ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରବୀଣ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରଏମ୍‌ସି କଲେଜ ଇତିହାସ ଅଧ୍ୟାପକ ଡ. ପ୍ରମୋଦ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭକ୍ତି ଆନ୍ଦୋଳନ ଶୀର୍ଷକ ସନ୍ଦର୍ଭ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀ ସୁଶ୍ରୀ ସସ୍ମିତା ଓ କାଜଲ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ସୁଶାନ୍ତ ସେଠୀ, ରସାନନ୍ଦ କହଁର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସାହୁଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କମାପଲ୍ଲୀରେ ଭାଜପାର ଜନ ପରାମର୍ଶ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୩।୧୨**

ଭାଜପା ପକ୍ଷରୁ ବ୍ରହ୍ମପୁର କମାପଲ୍ଲୀରେ ସୋମବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଭାପତି ଶିବ ଅଧିକାରୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ମହାନଗର ନିଗମର ୩୧ ଓ ୩୨ନଂ ୱାର୍ଡରେ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ବାସିନ୍ଦାମାନଙ୍କ ସମସ୍ୟା ପଚାରିବା ସହ ସମାଧାନ ନେଇ ପରାମର୍ଶ ଲୋଡ଼ିଥିଲେ। ମହାନଗର ନିଗମର ବିଫଳ ଶାସନ ସମ୍ପର୍କରେ ପଥପ୍ରାନ୍ତ ସଭାରେ ଗର୍ଜନ କରିଥିଲେ । ଏଥିରେ ଜିଲା ସଭାପତି କାହ୍ନୁ ଚରଣ ପତି, ଉପସଭାପତି ଶରତ ସାହୁ, ସୁନିଲ କୁମାର ସାହୁ, ରାମ କୁମାର ପାତ୍ର, ଗୋପୀନାଥ ପଣ୍ଡା, ଶିଶିର ପାଢ଼ୀ, ନମିତା ରାଣୀ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀ, ସୁବାସିନୀ ପଟ୍ଟନାୟକ, ସିଦ୍ଧାନ୍ତ ଗଙ୍ଗଦେବ, ଅମୂଲ୍ୟ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ ।




ଜନ ପରାମର୍ଶ ପଦଯାତ୍ରାରେ ଭାଜପା କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ।

## ଆତ୍ମା କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

**ପାତ୍ରପୁର,୩।୧୨(ଡି.ଏନ୍.ଏ.)**



ଆତ୍ମା କାର୍ଯ୍ୟାଳୟ ଆଗରେ ଆନ୍ଦୋଳନରତ ଚାଷୀ ଓ ଭାଜପା କର୍ମୀ।

### ଚାଷୀଙ୍କୁ ମିଳୁନି ସାର, ବଣ୍ଟା ହେଉନି ସାମଗ୍ରୀ

ପାତ୍ରପୁର ବ୍ଲକ ଆତ୍ମା କାର୍ଯ୍ୟାଳୟରେ ସୋମବାର ଚାଷୀ, ଭାଜପା କର୍ମୀ ଓ ନେତା ତାଲା ପକାଇଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଭାଜପା କର୍ମୀ ଓ ଚାଷୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ, ୨୦୧୩-୧୪ରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆସିଥିବା ସାମଗ୍ରୀ ଚାଷୀଙ୍କୁ ନ ବାଣ୍ଟି ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଡି ରହିଛି। ଏନେଇ ଅଭିଯୋଗ କରିବାକୁ ଚାଷୀ ଓ ଭାଜପା ନେତା, କର୍ମୀ ପାତ୍ରପୁର ବ୍ଲକ ପରିସରରେ ଥିବା କୃଷି କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟରେ କେହି ନ ଥିବାରୁ ସେମାନେ ଧାରଣାରେ ବସିଥିଲେ। ଏପରିକି ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଚାଷୀମାନେ ଆସୁଥିବାବେଳେ କୃଷି ବିଭାଗରେ କର୍ମଚାରୀ ରହୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ସୋମବାର ଭାଜପା ତରଫରୁ ଅଭିଯୋଗ ପତ୍ର ଧରି କାର୍ଯ୍ୟାଳୟ ପରିସରକୁ ଯାଇଥିଲେ ମଧ୍ୟ କାର୍ଯ୍ୟାଳୟରେ କାହାର ଦେଖା ମିଳିନଥିବାରୁ ତାଲା ପକାଇ ଧାରଣା ଦେଇଥିଲେ। ଅପରାହ୍ନ ୩ ଟା ଯାଏ ଧାରଣାରେ ବସି ରହିଥିଲେ। ପରେ ଜରଡା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ଭାରପ୍ରାପ୍ତ ବିଡ଼ିଓ ସଞ୍ଜୀବରାଜ ସେନାପତି, ଓ ବ୍ଲକ କୃଷି ଅଧିକାରୀ ବାସୁଦେବ ବିଷୋୟୀ ପ୍ରମୁଖ ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତି ପଡ଼ିଥିଲା।

ପ୍ରକାଶ ଯେ, ଖରଣିପଡା ପଞ୍ଚାତୟତର ଗୋଠଗାଁ ଗ୍ରାମରେ ସରକାରଙ୍କ ସ୍ୱତନ୍ତ୍ର ରିଲିଫ ଆସିଥିବା ଜିନିଷ ସବୁ ଆଜି ଯାଏ ଏକ କୋଠାଘରେ ପଡ଼ିରହିଛି। ଏହା ଚାଷୀଙ୍କୁ ନ ଦେଇ କାହିଁକିପକାଇ ରଖାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥିରେ ବିଜେପି ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, କୃଷକ ମୋର୍ଚ୍ଚା ପ୍ରଭାରୀ ଅଜିତ ପ୍ରଧାନ, ରଞ୍ଜନ ପ୍ରଧାନ, ମନୁସେନାର ସଂଯୋଜକ ସରୋଜ ପଣ୍ଡା ଓ ଦେବଦତ୍ତ ପଣ୍ଡା, କୃଷକ ମୋର୍ଚ୍ଚା ପାତ୍ରପୁର ମଣ୍ଡଳ ସଭାପତି ସଞ୍ଜୟ ମହାନ୍ତି, ରବି ତିଆଡ଼ି, ପୁଷ୍ପାଞ୍ଜଳି ସେଠୀ, ନାଗାମ୍ମା, ଭାଗ୍ୟ ପ୍ରଧାନ, ଅଲେଖ କନିଆରିଙ୍କ ସମେତ ବହୁ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ



**ପୋଲସରା,୩।୧୨(ଡି.ଏନ.ଏ.):** ପୋଲସରା ବ୍ଲକ ହାତୀଓଟସ୍ଥିତ ଗଙ୍ଗାଧର ସାହୁ ବିଜ୍ଞାନ କଲେଜ ପରିସରରେ ସୋମବାର ଛାତ୍ରୀମାନଙ୍କ ନିମନ୍ତେ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମସୁରକ୍ଷା ଲାଗି ବିଭିନ୍ନ କୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ। ଏହା କିପରି ଅସାମାଜିକଙ୍କ ଠାରୁ ସୁରକ୍ଷା ଦେଇପାରିବେ ତାହା ମଧ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ମୁରଲୀଧର ନନ୍ଦଙ୍କ ସମେତ କଲେଜ ଅଧକ୍ଷ, ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ଶିଖାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ, ଭଗବତ ପାରାୟଣ ଉଦ୍‌ଯାପିତ

**ବୁଗୁଡ଼ା,୩।୧୨(ଡି.ଏନ.ଏ.):** ବୁଗୁଡ଼ା ପ୍ରାଣୀ ସମ୍ପଦ ଅଧିକାରୀଙ୍କ କାର୍ଯ୍ୟାଳୟ ହତା ମଧରେ ସତ୍ୟଭାମା ଦେବୀଙ୍କ ସ୍ମୃତି ମହୋତ୍ସବ ଉପଲକ୍ଷେ ୭ ଦିନ ଧରି ଚାଲିଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ଓ ଶ୍ରୀମଦ ଭଗବତ୍ ପାରାୟଣ ଶନିବାର ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀଙ୍କ ଆବାହକତ୍ୱ ଏବଂ ଅଶୋକ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରତ୍ୟହ ଘୃତଯଜ୍ଞ, ଅନ୍ନଯଜ୍ଞ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହ ପ୍ରତ୍ୟହ ରାତିରେ ପ୍ରବଚକ ଆଶୀର୍ବାଦଜୀ ମହାରାଜ ଭଗବତ୍ କଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା।

### ବିଦାୟ ସମ୍ବର୍ଦ୍ଧନା

**ଭଞ୍ଜନଗର,୩।୧୨(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ଡ଼ିହପଡ଼ାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ପାତ୍ର ଅବସର ନେଇଛନ୍ତି। ସୋମବାର ବିଦ୍ୟାଳୟରେ ଶିକ୍ଷକ ପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ପେନ୍‌ସନ୍ କାଗଜ ପ୍ରଦାନ କରାଯାଇଥିଲା। ବିଇଓ ଏସ୍.ଧନଞ୍ଜୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶଲୁଣ୍ଡି ସିଆରସିସି ସନ୍ତୋଷ କୁମାର ସାହୁ, ସୀମାଞ୍ଚଳ ପଟ୍ଟନାୟକ, ଚିରଞ୍ଜୀବି ଦାସ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବେଗୁନିଆପଡ଼ା, ୩।୧୨(ଡି.ଏନ.ଏ.):** କୋଦଳା ତହସିଲ ପି.ନୂଆଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟାଳୟ ଆଗରୁ ପି.ନୂଆଗାଁ ଗ୍ରାମର ଏକ ପରିତ୍ୟକ୍ତ କୋଠଘରେ ଚାଲୁଥିଲା। ସକାଳ ୧୦ଟାରେ ଉଦ୍‌ଘାଟନ ସହ ହେମାଯଜ୍ଞ ହୋଇଥିଲା। ଏଥିରେ ରାଜସ୍ୱ ନିରୀକ୍ଷକ ମଙ୍ଗୁଲୁ ନାୟକ, ସହକାରୀ ରାଜସ୍ୱ ନିରୀକ୍ଷକ ଅଭୟ କୁମାର ନାୟକ, ଅନ୍ୟାନ୍ୟ ରାଜସ୍ୱ ନିରୀକ୍ଷକ, ତହସିଲ କର୍ମଚାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆଉ କେତୋଟି ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ ହେବ ବୋଲି ତହସିଲଦାର କହିଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା

**ବେଗୁନିଆପଡ଼ା,୩।୧୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକର ଖଣ୍ଡିଆନଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ସୋମବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ମୁଖ୍ୟବକ୍ତା ଭାବେ ବିଜୟ କୁମାର ରାଉତ ଯୋଗ ଦେଇଥିବା ବେଳେ ପୂର୍ବତନ ସିଆରସିସି ପଙ୍କଜ କୁମାର ବେହେରା ସଂଯୋଜନା କରିଥିଲେ।

## କାଜୁ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ଆର.ଉଦୟଗିରି-ବ୍ରହ୍ମପୁର ରାସ୍ତାରୋକୋ

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- କ୍ଷତିପୂରଣ ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

**ଆର.ଉଦୟଗିରି,୩।୧୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନାର ପରିମଳ ଗ୍ରାମର କାଜୁ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ରବିବାର ପୋଲିସ ଉଦ୍ଧାର କରିଥିଲା। ତେବେ ମୃତ ବ୍ୟକ୍ତିଙ୍କ ପକେଟରୁ ବାହାରିଥିବା ଏଟିଏମ କାର୍ଡକୁ ଯାଞ୍ଚ କରିବା ପରେ ତାହା ନଳିନୀ ପଟ୍ଟନାୟକ ନାମକ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ଆର.ଉଦୟଗିରି ଥାନା ଠାରୁ ମାତ୍ର ୧୦୦ ମିଟର ଦୂର ସରଳାସାହିର ନଳିନୀଙ୍କ ଘରକୁ ଯାଇ ପୋଲିସ ପଚରାଉଚରା କରିବା ପରେ ମୃତକ ଜଣକ ନଳିନୀଙ୍କ ସ୍ୱାମୀ ମନୋଜ ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଥିଲା। ସୋମବାର ପାରଳାଖେମୁଣ୍ଡିରୁ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକ ଥାନା ସମ୍ମୁଖରେ ରଖି



କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ।

ଆର.ଉଦୟଗିରି-ବ୍ରହ୍ମପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ୬ ଘଣ୍ଟା ଧରି ଅବରୋଧ ଯୋଗୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ପରିବାର ଲୋକେ ଅଭିଯୋଗ କରିଛନ୍ତି ମନୋଜ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଛି। ମୃତ ମନୋଜ ଅତ୍ୟନ୍ତ ଗରିବ ହୋଇଥିବାବେଳେ ତାଙ୍କର ୩ ସନ୍ତାନ ଅଛନ୍ତି। ତାଙ୍କୁ କ୍ଷତିପୂରଣ ଦେବା ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ।

ଖବର ପାଇ ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ରଶ୍ମି ରଞ୍ଜନ ପଟ୍ଟନାୟକ, ଏସ୍‌ଡିପିଓ ଅନୀଲ କୁମାର ପ୍ରଧାନ, ଥାନାଧିକାରୀ ଗୋପୀନାଥ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଜିଲାପାଳ ଆସିଲେ ରାସ୍ତାରୋକୋ ହଟିବ ବୋଲି ଲୋକେ ଜିଦ୍ ଧରି ବସିଥିଲେ। ସନ୍ଧ୍ୟା ୬ଟାରେ ବହୁ ବୁଝାଶୁଝା ପରେ ତାଙ୍କ ସ୍ତ୍ରୀଙ୍କୁ ସ୍କୁଲରେ ରୋଷେୟା ନିଯୁକ୍ତି, ବିଜୁ ପକ୍କାଘର, ବିଧବା ଭତ୍ତା, ରେଡକ୍ରସ ତରଫରୁ ୨୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଯୋଗାଇ ଦିଆଯିବା ସହ ଥାନାଧିକାରୀ ଯଦି ଥାନାରେ ହୋମଗାର୍ଡ ପୋଷ୍ଟ ବାହାରେ ସେହି ପୋଷ୍ଟରେ ତାଙ୍କ ସ୍ତ୍ରୀଙ୍କୁ ରଖାଯିବ ବୋଲି ପ୍ରତିଶ୍ରୁତି ପରେ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ହଟିଥିଲା।

## 'କୌଣସି ଗୁଣରେ କମ୍ ନୁହଁନ୍ତି ଦିବ୍ୟାଙ୍ଗ'



ଦିବ୍ୟାଙ୍ଗମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଛତ୍ରପୁର,୩।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଶାରୀରିକ ଅକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ସ୍ଥାନୀୟ ସମର୍ଥ ଅନୁଷ୍ଠାନରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମହାସଂଘର ସାଧାରଣ ସମ୍ପାଦକ କେ. ଆନନ୍ଦ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହନ୍ତି, ସେମାନଙ୍କୁ ସୁବିଧା ସୁଯୋଗ ଦିଆଗଲେ ଅନ୍ୟମାନଙ୍କ ପରି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସରକାରୀ ସୁବିଧା ଉପରେ ସୂଚନା ଦେଇଥିଲେ । ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ଆଦର୍ଶ ସରପଞ୍ଚ ତଥା ସାମାଜିକ କର୍ମୀ ଆରତୀ ଦେବୀ, ସୁଧୀର ପଟ୍ଟନାୟକ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବବିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଦର୍ଶନ ପାଢୀ, ପୂର୍ଣ୍ଣବାସୀ ପ୍ରଧାନ ଓ ଏସ୍ ରାଜେଶ୍ୱରୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ସାମାଜିକ କର୍ମୀ ଚିରଞ୍ଜୀବ ପାତ୍ରଙ୍କୁ ଶ୍ରେଷ୍ଠ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱ ଭାବେ ପୁରସ୍କୃତ କରାଯାଇଥିଲା। ଆଶା ବାଡି ଓ ହ୍ୱିଲ ଚ୍ୟାୟର ବଣ୍ଟନ କରାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

## ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ବାର୍ଷିକୋତ୍ସବ



ଅତିଥି ମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର,୩।୧୨(ଡି.ଏନ.ଏ.)**

ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ୨ୟ ବାର୍ଷିକୋତ୍ସବ ସ୍ଥାନୀୟ ଜିଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୌଭାଗ୍ୟ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ତଥା ଲୋକ କଳା ବିଶେଷଜ୍ଞ ଭେଙ୍କଟ ରାଓ ରେଡ୍ଡୀ, ସାମାଜିକକର୍ମୀ ସୟଦ ମୁକ୍ତାର ଯୋଗ ଦେଇ ନୃତ୍ୟର ବିଭିନ୍ନ ଦିଗ ଉପରେ କହିବା ସହ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଗଞ୍ଜାମ ଜିଲା କଳା, ସଂସ୍କୃତି ଓ ନୃତ୍ୟରେ ଦେଶ ବିଦେଶରୁ ସୁନାମ ଆଣିଛି। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆଦିତ୍ୟ କୁମାର ଶତପଥୀ, ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ, ସୂର୍ଯ୍ୟ ପଟ୍ଟନାୟକ, ବି ରାଜୁବାବୁ ଯାଗଦେଇ ବକ୍ତବ୍ୟ ରଖିଥିଲେ। ନୃତ୍ୟ ନିର୍ଦ୍ଦେଶକ ସଂଘର ପ୍ରଶାନ୍ତ କୁମାର ପଟ୍ଟନାୟକ, ସୁଧାଂଶୁ ଶେଖର ଶତପଥୀ, ଅମୂଲ୍ୟ ବାଙ୍ଗାରି, ପୂର୍ଣ୍ଣଞ୍ଜୟ ଜେନା, ମଧୁସ୍ମିତା ପଟ୍ଟନାୟକ, ଜୀବନ କୁମାର ମହାରଣା, ଏନ୍. ଗୋପାଳ ରାଓ, ପ୍ରମିଳା ପ୍ରଧାନ, ଏନ. ରାଜେଶ ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଚିକିତ୍ସା ଆଳରେ ୧୦ ହଜାର ଠକେଇ

**ଦାରିଙ୍ଗବାଡ଼ି,୩।୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଗ୍ରାମର ସାରୁମାହା ସାହିରେ ଜଣେ ଯୁବତୀଙ୍କ ସ୍ୱାସ୍ଥ୍ୟ ଭଲ କରିଦେବାକୁ କହି ୨ ଜଣ ମହିଳା ୧୦ ହଜାର ଟଙ୍କା ଠକି ନେଇଥିଲେ। ଓକିଲ ପ୍ରବୀର ସାହୁ ସହ ଗ୍ରାମବାସୀ ମିଶି ୨ ମହିଳାଙ୍କୁ ଅନ୍ୟ ପଞ୍ଚାୟତରେ କାବୁ କରି ସାରୁମାହା ଆଣି ଉକ୍ତ ଟଙ୍କା ନ ଫେରାଇଲେ ଥାନାରେ ଅଭିଯୋଗ କରିବୁ ବୋଲି କହିବାରୁ ମହିଳା ଦ୍ୱୟ ଟଙ୍କା ଫେରାଇଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା । ୨ ମହିଳା ପଶ୍ଚିମବଙ୍ଗ ଅଞ୍ଚଳର ବୋଲି କହୁଥିବା ବେଳେ ସେମାନେ ଭୁବନେଶ୍ୱରରେ ଚିକିତ୍ସା କେନ୍ଦ୍ର ଖୋଲି ଦୁର୍ଗମ ଅଞ୍ଚଳରେ ବୁଲି ଲୋକଙ୍କୁ ଠକୁଥିବା ଜଣାପଡ଼ିଛି। ଉକ୍ତ ମହିଳାଙ୍କ ସଠିକ ପରିଚୟ ମିଳି ନ ଥିଲେ ମଧ ଗ୍ରାମବାସୀ ତାଙ୍କ ଠାରୁ ୨ଟି ଆଧାରକାର୍ଡର ଫଟୋ ଉଠାଇ ରଖିଥିବା ପ୍ରବୀର କହିଛନ୍ତି। ପୋଲିସ ଉକ୍ତ ମହିଳାଙ୍କୁ ଚିହ୍ନଟ କରି ପଦକ୍ଷେପ ନ ନେଲେ ଜନଜାତି ଗରିବ ଲୋକ ଠକର ଶୀକାର ହେବେ ବୋଲି ସିମନବାଡ଼ି ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ କହିଛନ୍ତି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି ।

## ଦାରିଙ୍ଗବାଡିକୁ ପୂର୍ବତନ ଏମ୍‌ପି ବୈଜୟନ୍ତଙ୍କ ଗସ୍ତ

**ଦାରିଙ୍ଗବାଡ଼ି,୩।୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡିକୁ ସୋମବାର କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଗସ୍ତ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟରାରେ ଦାରିଙ୍ଗବାଡିର ସନମା ହେଲିପ୍ୟାଡ ପଡିଆରେ ଓହ୍ଲାଇଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ଚାରିଛକସ୍ଥିତ ଏକ ଚା' ଦୋକାନକୁ ନିଆଯାଇଥିଲା। ସେଠାରେ ସେ ଚା' ପିଇବା ସହ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଦାରିଙ୍ଗବାଡିରେ ବହୁ ପର୍ଯ୍ୟଟନସ୍ଥଳୀ ଥିଲେ ମଧ ଏହାର ବିକାଶ ହୋଇପାରି ନ ଥିବା ଓ ରାତିରେ ରହିବାକୁ ବ୍ୟବସ୍ଥା ନ ଥିବା କହିଥିଲେ। ଶହ ଶହ ଜନଜାତି ମହିଳା ବୈଜୟନ୍ତଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ବୈଜୟନ୍ତଙ୍କ ସହ କେନ୍ଦ୍ରାପଡାର ସଲିମ ଖାନ୍, ତାଙ୍କ ରାଜନୈତିକ ସଂଯୋଜକ ପ୍ରଫୁଲ ସ୍ୱାଇଁ, ଜିଲାର ବିଭୂତି ନାୟକ ପ୍ରମୁଖ ବହୁ ନେତା ଓ କର୍ମୀ ଆସିଥିଲେ। ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡିଆଙ୍କ ସମେତ ଏଏସଆଇ ଆର. ଭିମୋରାଓ ରେଡ୍ଡୀ, ଫୁଲବାଣୀରୁ ଆସିଥିବା ବମ୍ବସ୍କାଡ ଓ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।



ଅଞ୍ଚଳବାସୀଙ୍କ ସହ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା।

## ବ୍ରାହ୍ମଣ ମହାସଂଘର ପ୍ରସ୍ତୁତି ବୈଠକ

**ଧରାକୋଟ,୩।୧୨(ଡି.ଏନ୍.ଏ.)**

ଧରାକୋଟ ବାଲ୍ମୀକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧରାକୋଟ ବ୍ଲକ ବ୍ରାହ୍ମଣ ମହାସଂଘର ବିଭିନ୍ନ ସମସ୍ୟା ନେଇ ନିରୋଜ ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ବ୍ଲକ ବ୍ରାହ୍ମଣ ମହାସଂଘ ସଭାପତି ଗଙ୍ଗାଧର ଶତପଥୀ ମୁଖ୍ୟଅତିଥି, ସମ୍ପାଦକ ଭାଗୀରଥି ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୀତବାସ ପାଣିଗ୍ରାହୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ବନମାଳୀ ସମନ୍ତରାୟ ପ୍ରମୁଖ ବ୍ରାହ୍ମଣଙ୍କ ସମସ୍ୟା, ସଙ୍ଗଠନର ପ୍ରସାର, ସଙ୍ଗଠନକୁ ମଜଭୁତ କରଣ, ଶିକ୍ଷା କ୍ଷେତ୍ରରେ ମେଧାବୀଙ୍କୁ ଗୁରୁତ୍ୱ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ। ଆଗାମୀ ୭ରେ ଆସିକା ତହସିଲାଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ସମ୍ବଳିତ ସ୍ମାରତପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଆସିକା ରାଜସ୍ୱ ଡାକ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରିବା ସହ ଏଥିରେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରୁ ବ୍ରାହ୍ମରଣ ମହାସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ସଭା

**ଦିଗପହଣ୍ଡି,୩।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଆୟୋଜନ ପାଇଁ ଶନିବାର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ସରପଞ୍ଚ ବି କ୍ରିଷ୍ଣାରାଓ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ସାଧନ କର୍ମୀ ଜେ ଶ୍ରୀହରି, କୁଶ ବେହେରା, ସମିତିସଭ୍ୟ ସୁଶାନ୍ତ ସେଠୀଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଆୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି।

## 'ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ'

**ଦାରିଙ୍ଗବାଡ଼ି,୩।୧୨ (ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଆରସିସି ତଥା ଏବିଇଓ ସୁବାସିନୀ ଦିଗାଳ ଅଧକ୍ଷତା କରିଥିଲେ। ବିଧାୟକ ଜାକବ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ତଥା କବି ବିଦେଶୀ ନାୟକ, ଏବିଇଓ ବିନାୟକ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସାରାବତୀ ପ୍ରଧାନ, ପର୍ଡମାହା ସିଆରସିସି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନାମ ଧରି ଉଚ୍ଚାରଣ କରିବା, ସମାନ ଦୃଷ୍ଟିରେ ଦେଖିବା ସହ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଅତିଥିମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମାନଙ୍କୁ ନେଇ ବିଭନ୍ନ ପ୍ରତିଯୋଗିତା କରାଯିବା ସହ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦମ ରୁପାମାଝିଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ରଶ୍ମିତା ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆରସିସି ଶ୍ୟାମସୁନ୍ଦର ଦିଗାଳ ସହଯୋଗ କରିଥିଲେ ।




ଉପସ୍ଥିତ ଅତିଥିମାନେ।

## ଆନ୍ତଃ କଲେଜ ପୁରୁଷ, ମହିଳା ବକ୍ସିଂ ପ୍ରତିଯୋଗିତା

**ବୁଗୁଡ଼ା,୩।୧୨(ଡି.ଏନ.ଏ.)**

ବୁଗୁଡ଼ା ପିପୁଲ୍ସ କଲେଜ ଆନୁକୂଲ୍ୟରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପଡ଼ିଆରେ ରବିବାର ରାତିରେ ଆନ୍ତଃ କଲେଜ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପିପୁଲ୍ସ କଲେଜର ଅଧକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରଞ୍ଜନ କୁମାର ବିଶ୍ୱାଳ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଡା ଓ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରସନ୍ନ କୁମାର ଦିକ୍ଷିତ ଯୋଗ ଦେଇଥିଲେ। ବକ୍ସିଂ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୪୬-୪୯ କେଜି ବର୍ଗରେ ଗୁରାଣ୍ଡି ଏମ୍‌କେ କଲେଜର ଦୁର୍ଗା ପ୍ରସାଦ ବେନିଆ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୫୨ କେଜିରେ ଦୁରା ଆର୍‌ଏନ କଲେଜର ମୁନା ଗୌଡ଼, ୫୬ କେଜି ବର୍ଗରେ ବ୍ରହ୍ମପୁର ସିଟି କଲେଜର ଏସ୍. ମୁରଲୀ, ୬୦ କେଜିରେ ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜର ଏ. ଶ୍ରୀକାନ୍ତ, ୬୪ କେଜିରେ ଦିଗପହଣ୍ଡି ଖେମୁଣ୍ଡି କଲେଜର ବ୍ରହ୍ମ ନାରାୟଣ ସାହୁ, ୬୯ କେଜିରେ ପିପୁଲ୍‌ସ କଲେଜ ବୁଗୁଡ଼ାର ଜଗନ୍ନାଥ ମହନ୍ତ, ୭୫ କେଜିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ରାକେଶ କୁମାର ଘୋଷ, ୮୧ କେଜିରେ ପିପୁଲସ୍ କଲେଜ ବୁଗୁଡ଼ାର ସୌମ୍ୟ ରଞ୍ଜନ ବେହେରା, ୯୧ କେଜିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଅମୃତ ସାଗର ପୁରୋହିତ ଓ ୯୧ କେଜିରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ବିଶ୍ୱବିଦ୍ୟାଳୟର ଆୟୁଷ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ସେହିପରି ପ୍ରତିଯୋଗିତାର ମହିଳା ବିଭାଗ ୪୫-୪୮ କେଜି ବର୍ଗରେ ପିପୁଲସ କଲେଜ ବୁଗୁଡ଼ାର ସନ୍ଧ୍ୟାରାଣୀ ସାହୁ, ୫୧ କେଜିରେ ବ୍ରହ୍ମପୁର ସିଟି କଲେଜର ଗୌରୀ ପଣ୍ଡା, ୫୪ କେଜିରେ ବ୍ରହ୍ମପୁର ସିଟି କଲେଜର ପୂଜା ପାଣ୍ଡି, ୬୦ କେଜିରେ ପିପୁଲସ କଲେଜ ବୁଗୁଡ଼ାର ପୁଷ୍ପଲତା ଗୌଡ଼ ଓ ୫୭ କେଜିରେ ଖେମୁଣ୍ଡି କଲେଜର ଭାରତୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ଜୁରି ଭାବେ ଡିକେ ପାଢ଼ୀ, ଆରସି ମିଶ୍ର, ଆରକେ ମହାନ୍ତି, ଏସଏନ ଦାଶ, ଜେ. ଜଗନ୍ନାଥ ରାଓ, ଏସକେ ତ୍ରିପାଠୀ ପ୍ରମୁଖ ଦାୟିତ୍ୱ ସମ୍ପାଦନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

## ସଂକ୍ଷେପରେ



### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଛାତ୍ରଙ୍କ ସଫଳତା

**ଗୁଣପୁର,୩।୧୨(ଡି.ଏନଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାରିସଂ ଆଶ୍ରମ ବିଦ୍ୟାଳୟର ଛାତ୍ର ଅନକ ଶବର ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେଇ ଉଚ୍ଚଡିଆଁରେ ୨ୟ ସ୍ଥାନ ଅଧିକାର କରିଛନ୍ତି । ଶିକ୍ଷାବିଭାଗ ପକ୍ଷରୁ କେନ୍ଦୁଝରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୮ମ ଶ୍ରେଣୀ ଛାତ୍ର ଅନକ ଭାଗ ନେଇ ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି । ଏଥିଲାଗି ତାଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି ।

### ମୃତ ପୁରାତନ ଛାତ୍ରଙ୍କ ପରିବାରକୁ ସହାୟତା



**ରାୟଗଡା ଅଫିସ୍, ୩।୧୨:** ରାୟଗଡା ଜିଲା ରାୟଗଡାସ୍ଥିତ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୯୮ବ୍ୟାଚ୍‌ର ଛାତ୍ର ଶେଖ୍ ରଫି(୩୭)ଙ୍କ ଗତ ଅଗଷ୍ଟରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ୧୦୨ ଜଣ ସାଙ୍ଗ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ରାଣୀଗୁଡା ଫାର୍ମ ଫରେଷ୍ଟ କଲୋନୀରେ ରହୁଥିବା ରଫିଙ୍କ ସ୍ତ୍ରୀଙ୍କୁ ୬୧ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ପୁରାତନ ଛାତ୍ର ଗ୍ରୁପ୍‌ର ସଭାପତି ଶ୍ରେଷ୍ଠା କୁମାର, ଉପସଭାପତି ଉମା ପାଢ଼ୀ, ସମ୍ପାଦକ ବାପି ପଟ୍ଟନାୟକ, କୋଷାଧକ୍ଷ ଗାଉସ ଜାନୀ ସହଯୋଗ କରିଥିଲେ । ଏହି ଛାତ୍ରମାନେ ଏଥିପୂର୍ବରୁ ରାୟଗଡା ସହରରେ ସ୍ୱଚ୍ଛଭାରତ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ମଧ୍ୟ କରିଥିଲେ ।

### ଭାଜପାର ପଦଯାତ୍ରା



**ଗୁଣପୁର,୩।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଭାଜପା ପକ୍ଷରୁ ଡମ୍ବସରା ଜୋନରେ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ଡମ୍ବସରା ଟାଙ୍ଗି ମା'ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ପଦଯାତ୍ରା ଆରମ୍ଭ ହୋଇଥିଲା । ପଦଯାତ୍ରା ଚାଲକମ୍ବା, ଡମ୍ବସରା, ବାଗଶଳା ଏବଂ ଘନାନ୍ତ୍ରି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ କହିବା ସହ ବିଜେଡି ଉପରେ ବିଷୋଦ୍‌ଗାର କରିଥିଲେ । କ ଜୋନର ସଭାପତି ବନ୍ଧୁ ଶବରଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରାରେ ପ୍ରତାପ ଗାଣ୍ଟା, ସମିତି ସଭ୍ୟ ଶ୍ରୀଧର ଶବର, ଜିଲା ସମ୍ପାଦକ ବିଦ୍ୟାଧର ଶବରଙ୍କ ସମେତ ଭି.ୱାସ, ଉତ୍ତମ ଶବର, ଟିଙ୍କୁ ଶବର, ମଧୁ ଶବର ଏବଂ ନୀଳ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

### ଘର ପଟ୍ଟା ପ୍ରଦାନ ନିମନ୍ତେ ଦାବିପତ୍ର



**ଗୁଣପୁର,୩।୧୨(ଡି.ଏନ.ଏ):** ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁଲୁମୁଣ୍ଡା ଗ୍ରାମବାସୀ ସୋମବାର ଘରପଟ୍ଟା ଯୋଗାଇ ଦେବା ନେଇ ଏକ ଦାବିପତ୍ର ଉପଜିଲାପାଳ ଡ. ବି.ଏସ. ବଳିରାମଙ୍କୁ ପ୍ରଦାନ କରିଛନ୍ତି । ଗୁଲୁମୁଣ୍ଡା ଗ୍ରାମ ୱାର୍ଡ ନଂ. ୪ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ,ସେମାନେ ଦୀର୍ଘବର୍ଷ ଧରି ଓମଡିଂ ସର୍କଲର ପୋକପଦର ମୌଜାର ଖାତା ନଂ. ୧୩, ପ୍ଲଟ ନଂ. ୭୭ରେ ୩୦ ପରିବାର ରହିଆସୁଛନ୍ତି । ହେଲେ ସେମାନଙ୍କୁ ଅଦ୍ୟାବଧି ରହୁଥିବା ସ୍ଥାନର ଘରପଟ୍ଟା ମିଳିପାରିନାହିଁ । ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯିବା ନେଇ ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି ।

# ଖୁଲମଖୁଲା ପଲିଥିନ ବ୍ୟବହାର

## ପଦକ୍ଷେପ ନେଉନି ପୌର ପ୍ରଶାସନ

- ଦୋକାନରେ ହେଉନି ଚଢ଼ାଉ
- ପରିବେଶ ସୁରକ୍ଷା ପ୍ରତି ଅଣଦେଖା
- ଡ୍ରେନରେ ପଲିଥିନ ଉର୍ତ୍ତି



**ରାୟଗଡା ଅଫିସ୍, ୩।୧୨**

ରାୟଗଡା ପୌର ପ୍ରଶାସନ ପକ୍ଷରୁ ସହରରେ ପଲିଥିନ ବ୍ୟାନ ନେଇ ଘୋଷଣା କରାଯାଇଛି । ଏମିତି କି ଥରେ/ଦୁଇଥର ଲୋକ ଦେଖାଣିଆ ଭାବେ ଚଢ଼ାଉ ମଧ୍ୟ କରାଯାଇଛି । ଷ୍ଟକ୍ ଥିବା ପଲିଥିନ ଶେଷ ହେବା ଯାଏଁ ମହଲତ ନେବାକୁ ବ୍ୟବସାୟୀମାନେ ପୌର ପ୍ରଶାସନକୁ ଗୁହାରି କଲେ । ବ୍ୟବସାୟୀଙ୍କ ଅନୁରୋଧ ରକ୍ଷା କରିଥିଲେ ପ୍ରଶାସନ । କିନ୍ତୁ ମହଲତରେ ଅବଧି ଶେଷ ହେବା ପରେ ବି ରାୟଗଡା ପୌର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନି । ଇତିମଧ୍ୟରେ ରାଜ୍ୟ ସରକାର ମଧ୍ୟ ପଲିଥିନ ବନ୍ଦ କରିବା ନେଇ କଡା ନିର୍ଦ୍ଦେଶ ଦେଇଛନ୍ତି । ପଲିଥିନ ବିକୁଥିବା ଓ ବ୍ୟବହାର କରୁଥିବା ଉଭୟପକ୍ଷଙ୍କୁ ଜରିମାନା ଦେବା ଲାଗି କଡା ନିର୍ଦ୍ଦେଶ ରହିଛି । ତଥାପି ପୌର କର୍ତ୍ତୃପକ୍ଷ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରିଚାଲିଛି । ଫଳରେ ଏବେ ରାୟଗଡା ସହରରେ ଖୁଲମଖୁଲା ପଲିଥିନ ବ୍ୟବହାର ହେଉଛି। ବ୍ୟାପକ ପଲିଥିନ ବ୍ୟବହାର ଯୋଗୁ ରାୟଗଡା ପରିବେଶ ଉପରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଭୋଜିରେ ବ୍ୟବହୃତ ପଲିଥିନଗୁଡିକ ଖାଇ ନିକଟ ଅତୀତରେ କିଛି ଗାଈଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବ୍ୟବହୃତ ପଲିଥିନ ନାଳ ନର୍ଦ୍ଦମା ଗୁଡିକରେ ପଡ଼ି ପୋତି ହୋଇଯିବାରୁ ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନି । ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଲିଥିନ ମୁକ୍ତ ପରିବେଶ ଲାଗି ବିଭିନ୍ନ ସ୍ତରରେ ସଭାସମିତି, ସଚେତନତା, କଡା ନିୟମ ପାଳନ ଦିଗରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ପୌର କର୍ତ୍ତୃପକ୍ଷ ଚୁପ୍ ହୋଇ ହାତ ବାନ୍ଧି ବସିଛନ୍ତି । ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ସାଧାରଣରେ ଦାବି ହୋଇଛି । ଏନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କୁ ପଚାରିବାରୁ, ପଲିଥିନ ବ୍ୟବହାର କରିବା ନେଇ ନଭେମ୍ବର ୩୦ ଶେଷ ତାରିଖ ଥିଲା । ହେଲେ ବଣିକ ସଂଘର କର୍ମକର୍ତ୍ତାମାନେ ଆଉ ୨୦ ଦିନ ସମୟ ମାଗିଛନ୍ତି । ତେଣୁ ଡ଼ିସେମ୍ବର ୨୦ ପରେ କଡ଼ାକଡ଼ି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ସେମାନେ କ'ଣ କୁହନ୍ତି...



"ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ନଷ୍ଟ ହେବାରେ ଲାଗିଛି । ମଣିଷ ଜୀବନ ପ୍ରତି ବିପଦ ଘନେଇ ଆସୁଛି । ତେଣୁ ଏଥିପ୍ରତି ଜନସଚେତନତା ସୃଷ୍ଟି ହେବା ଉଚିତ । ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହି ସମସ୍ୟାର ସମାଧାନ ହୋଇପାରିବ । ଏତଦ୍‌ବ୍ୟତୀତ ପଲିଥିନ ତିଆରି କରୁଥିବା କମ୍ପାନୀଗୁଡିକ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବିକଳ୍ପ ଭାବରେ ସୂତା କିମ୍ବା ଝୋଟରେ ତିଆରି ବ୍ୟାଗ ବ୍ୟବହାର କରାଯାଉ ।

– ଦୁଷ୍ମନ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ



"କେବଳ କାଗଜ କଲମରେ ପଲିଥିନ ମୁକ୍ତ କହିଲେ ହେବନାହିଁ । ପ୍ରଶାସନିକ ଅଧିକାରୀ ଏହା କାର୍ଯ୍ୟକାରୀ କରିବା ଉଚିତ୍। ଯେଉଁଠାରୁ ଏହି ପଲିଥିନ ଆସୁଛି ଓ ଏଗୁଡିକୁ ତିଆରି ହେଉଥିବା କାରଖାନାକୁ ବନ୍ଦ କରାଯାଉ । ଗାନ୍ଧୀ ଜୟନ୍ତୀରୁ ପଲିଥିନ ସମ୍ପୂର୍ଣ୍ଣ ବନ୍ଦ ହେବା ନାମକୁମାତ୍ର ଘୋଷଣାରେ ରହିଯାଇଛି।

– ଜୟରାମ ଜେନା, ସାମାଜିକ କର୍ମୀ



"ପଲିଥିନ ବ୍ୟବହାର ଦ୍ୱାରା କେବଳ ମନୁଷ୍ୟ ନୁହେଁ ପୂରା ପ୍ରାଣୀଜଗତ ଉପରେ ମଧ୍ୟ କୁପ୍ରଭାବ ପଡୁଛି । ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରିବା ନିହାତି ଆବଶ୍ୟକ । ନଚେତ ଏହା ଦ୍ୱାରା ବହୁତ କ୍ଷତି ହେବ । ଅତିଶୀଘ୍ର ପଲିଥିନ ମୁକ୍ତ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

–ଶଶିଭୂଷଣ ହୋତା,ବାସିନ୍ଦା



"ରାୟଗଡା ଜିଲାକୁ ପଲିଥିନମୁକ୍ତ କରିବା ନିମନ୍ତେ ଜିଲାପାଳଙ୍କ ତରଫରୁ ଅନେକବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କେହି ମାନୁ ନାହାନ୍ତି । ବର୍ତ୍ତମାନ ପଲିଥିନର ବହୁଳ ବ୍ୟବହାର ଯୋଗୁ ଡ୍ରେନ୍ ଓ ରାସ୍ତାରେ ଜମା ହୋଇ ରହୁଛି। ଫଳରେ ରାୟଗଡା ସହର ପ୍ରଦୂଷଣର ପେଣ୍ଠସ୍ଥଳୀ ପାଲଟିଛି । ଏଣୁ ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ତତ୍ପରତା ଓ ବିହିତ ପଦକ୍ଷେପର ବିଶେଷ ଆବଶ୍ୟକତା ରହିଛି । ଜନସାଧାରଣଙ୍କୁ ପଲିଥିନ ମୁକ୍ତ ପାଇଁ ସଚେତନ କରିବା ଲାଗି ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ।

– ବିଷ୍ଣୁପ୍ରସାଦ ପଣ୍ଡା, ରାୟଗଡା ବାର୍‌ଆସୋସିଏଶନ୍‌ର ସଭାପତି

# ସେଫ୍ ଚିଲଡ୍ରେନ୍ ଓରଫାନ୍ ହୋମ୍‌ରେ ଛାନ୍‌ଭିନ୍




ଅନୁଧାନ ପାଇଁ ଆସିଥିବା ଟିମ୍‌ର ସଦସ୍ୟା ସଦସ୍ୟମାନେ ।

**ପାରଳାଖେମୁଣ୍ଡି, ୩।୧୨(ସ୍ୱ.ପ୍ର.)**

- ବ୍ୟବସ୍ଥା ଅନୁଧ୍ୟାନ କଲେ ୪ଜଣିଆ ଟିମ୍
- ସମସ୍ତ ଗାଇଡ ଲାଇନ ମାନୁନି ଏହି ସଂସ୍ଥା

ଢେଙ୍କାନାଳ ଜିଲାସ୍ଥିତ 'ଗୁଡ଼ ନ୍ୟୁଜ୍ ଇଣ୍ଡିଆ' ସେଲ୍‌ଟର ହୋମ୍‌ରେ କିଛିଦିନ ତଳେ ଘଟିଥିବା ଯୌନ ନିର୍ଯାତନା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଏହି ସଂସ୍ଥାର ଶାଖାଗୁଡ଼ିକରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି। ଏହି କ୍ରମରେ ରବିବାର ଗଜପତି ଜିଲା ପାରଳାଖେମୁଣ୍ଡିର ବି.ସୀତାପୁରସ୍ଥିତ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟରେ ଛାନଭିନ୍ କରାଯାଇଥିଲା । ସୋମବାର ଚନ୍ଦ୍ରଗିରିସ୍ଥିତ 'ସେଫ ଓରଫାନ୍ ଚିଲଡ୍ରେନ ହୋମ' ନାମକ ବେସରକାରୀ ହଷ୍ଟେଲକୁ ପ୍ରଶାସନର ଏକ ୪ଜଣିଆ ଟିମ୍ ପରିଦର୍ଶନ କରି ସେଠାରେ ବିଭିନ୍ନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ସଂସ୍ଥା ଶାଖା ସହ ସେଫ୍ ଓରଫାନ ଚିଲଡ୍ରେନ୍ ହୋମ ସଂସ୍ଥାର କିଛି ଆର୍ଥିକ ସମ୍ପର୍କ ରହିଥିବା ସନ୍ଦେହରେ ଏହି ଯାଞ୍ଚ ହୋଇଥିବା ଜଣାପଡ଼ିଛି । ସେଫ୍ ଓରଫାନ ଚିଲଡ୍ରେନ୍ ହୋମରେ ୧୦୯ଜଣ ଶିଶୁ ରହୁଥିବାବେଳେ ମିଲନ୍ କୁମାର ନାୟକ ଏହାକୁ ପରିଚାଳନା କରୁଛନ୍ତି । ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଯାଇଥିବା ଉକ୍ତ ଟିମ୍ ସେଠାକାର ଖାଦ୍ୟ ବ୍ୟବସ୍ଥା, ପରିବେଶ, ଶୌଚାଳୟ, ପାନୀୟଜଳ ଏବଂ ପିଲାମାନଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛି । ହଷ୍ଟେଲଟି ସମସ୍ତ ସରକାରୀ ଗାଇଡ୍‌ଲାଇନ୍ ପାଳନ କରୁ ନ ଥିବା ଯାଞ୍ଚବେଳେ ଟିମ୍ ସଦସ୍ୟମାନେ ଜାଣିବାକୁ ପାଇଛନ୍ତି। ଉକ୍ତ ଟିମ୍‌ରେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ପ୍ରମୋଦ ନାୟକ, ଅନୀତା ମିଶ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟ ଡମ୍ବରୁ ବଳବନ୍ତ ପ୍ରମୁଖ ରହିଥିଲେ। ତଦନ୍ତର ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଏହି ଟିମ୍ କହିଛି।

# ଗୁଡ ନ୍ୟୁଜ୍ ଇଣ୍ଡିଆ ସଂସ୍ଥାରେ ଚଢ଼ାଉ

**ରାୟଗଡା ଅଫିସ୍, ୩।୧୨**

ଢେଙ୍କାନାଳ ଜିଲାରେ ଗୁଡ ନ୍ୟୁଜ୍ ଇଣ୍ଡିଆ ସଂସ୍ଥାରେ ଯୌନ କେଲେଙ୍କାରୀ ନଜରକୁ ଆସିବା ପରେ ଏହାର ବିଭିନ୍ନ ଶାଖା ଉପରେ ଚଢ଼ାଉ କରାଯାଉଛି । ଏହି କ୍ରମରେ ସୋମବାର ରାୟଗଡା ସହର ଉପକଣ୍ଠ ସିରିଗୁଡାଠାରେ ଥିବା ଗୁଡ ନ୍ୟୁଜ୍ ଇଣ୍ଡିଆ ସଂସ୍ଥାର ଶାଖା ଓ ହଷ୍ଟେଲ ଉପରେ ଚଢ଼ାଉ କରାଯାଇଛି । ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକ ୬ ଜଣିଆ ଦଳ ଚଢ଼ାଉ କରି ଯାଞ୍ଚ କରିଥିଲେ । ସଂସ୍ଥାର ସ୍ଥାନୀୟ ପ୍ରକଳ୍ପ ପରିଚାଳକ ପବିତ୍ର କୁମାର ଜେନାଙ୍କୁ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରାଜକିଶୋର ସାହୁ ଓ ସଦସ୍ୟ ନିକୁଞ୍ଜ ବିହାରୀ ପ୍ରଧାନ ପଚରାଉଚରା କରିଥିଲେ । ଆଉ ପରିଚାଳକଙ୍କ ଉପସ୍ଥିତିରେ ପଞ୍ଜୀକରଣ ନଥୀପତ୍ର ଓ ଫାଇଲ ଯାଞ୍ଚ କରିଥିଲା । ହେଲେ ଆହୁରି ଅନେକ କାଗଜ ସେ ତଦନ୍ତ କମିଟି ସମ୍ମୁଖରେ ଉପସ୍ଥାପନ କରିପାରି ନ ଥିଲେ । ସେହିଭଳି କମିଟି ସଦସ୍ୟ ପ୍ରତିମା ପାଣିଗ୍ରାହୀ, ସଙ୍ଗିତା ମଞ୍ଜରୀ ବେହେରା, ଜିଲା ଶିଶୁ ସୁରକ୍ଷା ୟୁନିଟର କାଉନ୍‌ସିଲର ବିଶ୍ୱବନ୍ଦିତା ବେହୁରା ଓ ସାମାଜିକ କର୍ମୀ ସତ୍ୟପ୍ରିୟା ପ୍ରଧାନ ସେଠାରେ ରହୁଥିବା ବାଳିକାମାନଙ୍କ ସହିତ ଆଲୋଚନା କରିଥିଲେ । ଏଠାରେ ନିର୍ଯାତନା ଦିଆଯାଉଛି କି ନାହିଁ ସେନେଇ ପଚାରି ବୁଝିଥିଲେ । ଏହି ଶାଖା ହଷ୍ଟେଲରେ ୭୭ ଜଣ ବାଳିକା ରହୁଛନ୍ତି । ଏହି ବାଳିକାମାନେ ବିଭିନ୍ନ ସ୍କୁଲ ଓ କଲେଜରେ ଅଧ୍ୟୟନ କରୁଛନ୍ତି । ଆମର ତଦନ୍ତ ଚାଲିଛି । ଶିକ୍ଷା ବିଭାଗ ତରଫରୁ ଅଧିକ ଯାଞ୍ଚ ପରେ ସଂସ୍ଥାର ସମସ୍ତ ତଥ୍ୟ ଜଣାପଡିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି ।



ସଂସ୍ଥାରେ ଫାଇଲପତ୍ର ଯାଞ୍ଚ କରାଯାଉଛି ।

# ଆତ୍ମରକ୍ଷା ତାଲିମ କୌଶଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୩।୧୨**

ରାୟଗଡା ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ କୌଶଳ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମଞ୍ଜୁଶ୍ରୀ ମୁର୍ଖାଜୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜକ ଲେଫ୍ଟନାଣ୍ଟ ରୀତାରାଣୀ ମିଶ୍ର ପରିଚାଳନା କରିଥିଲେ । ରଶ୍ମିତା ମହାନ୍ତି, ପ୍ରିନ୍ସ ସେଠୀ ଓ ହସ୍ତିନୀ କୁଶୁଲିଆ ଛାତ୍ରୀମାନଙ୍କୁ ୧୨ ଦିନ ଧରି ତାଲିମ ଦେବେ। ଅଧ୍ୟାପକ ରଘୁନାଥ ଭୋଇ ଓ ଶୁଭଶ୍ରୀ ମହାପାତ୍ର ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଭିନ୍ନକ୍ଷମ ଦିବସରେ ଆଇନ ସଚେତନତା ଶିବିର

**ବେଗୁନିଆପଡା,୩।୧୨(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ପରିସରରେ ସୋମବାର ଭିନ୍ନକ୍ଷମ ଦିବସରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରୁଣ କୁମାର ମଲିକଙ୍କ ସଭାପତିତ୍ୱରେ ସଚେତନତା ବୈଠକରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ସିନିୟର ଡିଭିଜନର ସିଭିଲ ଜର୍ଜ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଖଲ୍ଲିକୋଟ ଜୁନିୟର ଡିଭିଜନ ସିଭିଲ ଆସିଷ୍ଟାଣ୍ଟ ସୋନ୍ ଜର୍ଜ (ଜେଏମଏଫସି) ଜନ୍ମେଜୟ ପଲାଇ, ସମ୍ମାନିତ ଅତିଥି କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପ୍ରତି ଆଇନର ସହାୟତା ଓ ସରକାରଙ୍କ ବିଭିନ୍ନ ସହାୟତା ଉପରେ ଆଲୋକପାତ କରିବା ସହ ସଚେତନ ରହିବାକୁ ମତବ୍ୟକ୍ତ କରିଥିଲେ । ଭିନ୍ନକ୍ଷମ, ଅକ୍ଷମ ଓ ସକ୍ଷମ ମଧ୍ୟରେ କୌଣସି ତାରତମ୍ୟ ରହିବା ଉଚିତ ନୁହେଁ ବୋଲି ମଧ୍ୟ କହିଥିଲେ । ବୈଠକକୁ ଲିଗାଲ ଏଣ୍ଡ ଆୱାରନେସ୍ ରିଟେନର ଆଡଭୋକେଟ ଦିଗାମ୍ବର ଶତପଥୀ ସଂଯୋଜନା କରିଥିବା ବେଳେ ଏଥିରେ ଜିପିଇଓ ନାରାୟଣ ବେହେରା, ଡବ୍ଲୁଇଓ ସୁମିତ୍ରା ସାହୁ, ଅନ୍ୟାନ୍ୟ ବ୍ଲକ କର୍ମଚାରୀ, ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଭଞ୍ଜନଗର,୩।୧୨(ଡି.ଏନ.ଏ)**

ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ମଙ୍ଗଳବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଦିନମଣୀ ନାୟକ, ଏବିଇଓ ସୂର୍ଯ୍ୟ ନାୟକ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶିକ୍ଷକ ନେତା ସନ୍ତୋଷ ଜେନା, ଜଗବନ୍ଧୁ ଜେନା, ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପ ଜିଲାପାଳ ପ୍ରୟାସ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଥାନା ଅଧିକାରୀ ସୁଦିପ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିଇଓ ଏସ୍. ଧନଞ୍ଜୟ ଉଭୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିପିଟି ଅନିଲ କୁମାର ମୁଦୁଲି, ବିଆରଟି ଚିନ୍ମୟ କୁମାର ଦାସ, ଶିକ୍ଷକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ଘୁମୁସର ଦିବ୍ୟାଙ୍ଗ ସଂଘ ପକ୍ଷରୁ ଭଞ୍ଜସାହିତ୍ୟ ପରିଷଦରେ ଏକ ଉତ୍ସବ ହୋଇଥିଲା । ଏଥିରେ ଦିବ୍ୟାଙ୍ଗମାନଙ୍କ ବିଭିନ୍ନ ଅସୁବିଧା ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଂଘର ସଭାପତି ଡ଼ି.ଚେଲପତି ରାଓ, ଉପ ସଭାପତି ହରିକୃଷ୍ଣ ଆଚାର୍ଯ୍ୟା, ସମ୍ପାଦକ ଚିତରଞ୍ଜନ ମହାପାତ୍ର, ସହ ସମ୍ପାଦକ ଗଣେଷ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ କୋର୍ଟ ପରିସରେ ଏକ ସଭା ହୋଇଥିଲା । ଏଥିରେ ଏଡ଼ିଜେ ମହଲତ ସା ଅଧକ୍ଷତା କରିଥିଲେ ।

# ଭିନ୍ନକ୍ଷମ ଦିବସ ପାଳିତ

**ଆସିକା,୩।୧୨(ଡି.ଏନ୍.ଏ)**

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମଧ୍ୟାହ୍ନରେ କୃତିବାସ ବାରିକଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏଥିରେ ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଡିଓ ଗାୟତ୍ରୀଦତ୍ତ ନାୟକ, ଏ.ବି.ଇ.ଓ. ଦୀପକ କୁମାର ମହନ୍ତ ଏବଂ ବାଳିକା ହାଇସ୍କୁର ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ର ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ବିଚିତ୍ର ବିହାରୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହେମନ୍ଦ କୁମାର ନନ୍ଦ, ମନ୍ଦାକିନୀ ରଥ, ଶିବ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ।

# ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ପୋଲସରା,୩।୧୨(ଡି.ଏନ୍.ଏ.)**

ପୋଲସରା ଲୁଣିଘାଟିସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ୨ୟ ବର୍ଷ ଛାତ୍ରୀଛାତ୍ରମାନେ ସହରରେ ରାଲି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏନଆଇଓଏସ୍ (ଜାତୀୟ ମୁକ୍ତ ବିଦ୍ୟାଳୟ) ଛାତ୍ରୀଛାତ୍ରମାନଙ୍କ ଓଟିଇଟି ଆବେଦନକୁ ବିରୋଧ କରି ଏହି ଆନ୍ଦୋଳନ କରାଯାଇଛି। ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଏବିଇଓ ବାଳକୃଷ୍ଣ ପାତ୍ରଙ୍କୁ ରାଜ୍ୟ ଶିକ୍ଷକ ଓ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ସମସ୍ୟା ସମାଧାନ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିୟମିତ ପ୍ରଶିକ୍ଷଣ କାର୍ଯ୍ୟ ବର୍ଜନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ପୋଲସରା ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନ ସହ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ ।




ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର ମଙ୍ଗଳବାର, ଡିସେମ୍ବର ୪/୨୦୧୮ Berhampur, Tuesday, December 4/ 2018

## ସଂକ୍ଷେପରେ

### ଟ୍ରକ ଓଲଟି ୨ ଆହତ

ଦିଗପହଣ୍ଡି/ପାଟପୁର,୩।୧୨(ଡି.ଏନ.ଏ.)- ଦିଗପହଣ୍ଡି-ରାୟଗଡ଼ା ମୁଖ୍ୟରାସ୍ତାର ତପ୍ତପାଣି ଘାଟିରେ ପେପର ବୋଝେଇ ଟ୍ରକ ଓଲଟି ୨ଜଣ ଆହତ ହୋଇଛନ୍ତି। ସେ ହେଲେ ଟ୍ରକ ଚାଳକ ସୁରେଶ ବାରିକ, ହେଲପର କୃଷ୍ଣ ପାର୍ବତୀ। ସୋମବାର ସକାଳ ପ୍ରାୟ ୧୦ଟାରେ ରାୟଗଡ଼ା ପେପର ମିଲରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଟ୍ରକଟି ଅନ୍ୟ ଏକ ଗାଡ଼ିକୁ ସାଇଡ ଦେବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଚାଳକ ଓ ହେଲପର ଆହତ ହୋଇଥିଲେ। ପାଟପୁର ପୋଲିସ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତପ୍ତପାଣି-ବେଲଗଡ଼ ଗ୍ରାମ ଘାଟିର ବୁଲାଣିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ରାସ୍ତା ଓ କୋଠାବାଡ଼ି ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ଶଙ୍କରାଖୋଲ,୩।୧୨(ଡି.ଏନ୍.ଏ.)- ଚକାପାଦ ଥାନା କଖାରୁଝୋଳା ପଞ୍ଚାୟତର ଉତରା ସିଂ ଛକରେ ସୋମବାର ଚକାପାଦ ପୋଲିସ ଚଢ଼ାଉ କରି ୩ କେ.ଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଫିରିଙ୍ଗିଆ ଗ୍ରାମର ଡିବାସା ଦିଗାଳ। ଏ ନେଇ ଚକାପାଦ ଥାନାରେ ନଂ.୩୬/୧୮ରେ ମାମଲା ରୁଜୁ ହୋଇଛି। ଡିବାସା ଫିରିଙ୍ଗାରୁ ଚକାପାଦକୁ ଗଞ୍ଜେଇ ବିକ୍ରି କରିବାକୁ ଆଣୁଥିବା ବେଳେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସତ୍ୟଭାମା ବେହେରା ସୂଚନା ଦେଇଛନ୍ତି।

### ମଇଳା ପାଣିକୁ ନେଇ ଅସନ୍ତୋଷ



ହିଞ୍ଜଳିକାଟୁ,୩।୧୨(ଡ଼ି.ଏନ୍.ଏ)- ହିଞ୍ଜିଳିକାଟୁ ପୌରାଞ୍ଚଳର ୱାର୍ଡ ନଂ. ୭ ସୋମପୁର ଅଞ୍ଚଳରେ କିଛି ଦିନ ଧରି ଦୂଷିତ ପାନୀୟ ଜଳ ଯୋଗାଣ ଓ ପାଣିର ବେଗ କମ୍‌କୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂତନ ପାଣି ପାଇପ ବିଛାଇବା ପରଠାରୁ ଏହି ସମସ୍ୟା ଲାଗି ରହିଛି ବୋଲି ଗ୍ରାମର ପ୍ରଶାନ୍ତ ସାହୁ, ଚନ୍ଦ୍ର ଶେଖର ସାହୁ, ସନାତନ ପ୍ରଧାନ ପ୍ରମୁଖ ଶନିବାର ହିଞ୍ଜଳିକାଟୁ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀଧର ଦାଶଙ୍କୁ ଭେଟି ସମାଧାନ ପାଇଁ ଦରଖାସ୍ତ ମାଧ୍ୟମରେ ନିବେଦନ କରିଛନ୍ତି। ଏ ନେଇ କିଛି ବିଭାଗୀୟ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି।

ନୂତନ ପାଣି ପାଇପ ବିଛାଇବା ବେଳେ କୌଣସି କାରଣରୁ ପାଇପ ଭିତରେ ଏକ ପ୍ଲାଷ୍ଟିକ ବୋତଲ ରହିଯାଇଥିବାରୁ ଏପରି ସମସ୍ୟା ଦେଖାଦେଇଛି। ଫଳରେ ପାଣିର ଗତିରେ ବାଧା ହେବା ସହ ମଇଳା ପାଣି ଆସୁଛି ତେଣୁ ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ପୌରାଞ୍ଚଳର ଥାନା ସାହି ଅଞ୍ଚଳକୁ ପାଣି ଯୋଗାଣରେ ବାଧା ହେଉଥିବା ଉକ୍ତ ଅଞ୍ଚଳର ଲୋକେ ସମସ୍ୟା ସମାଧାନ ପାଇଁ ଦାବି କରୁଛନ୍ତି।

## ଗଣ୍ଡଗୋଳରେ କଏଦୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ବାଲିଗୁଡା-ମୁନିଗୁଡା ମୁଖ୍ୟରାସ୍ତା ଅବରୋଧ

କୋଟଗଡ,୩।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା କାରଗାରରେ ଶନିବାର ୨ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି କନ୍ଧମାଳ ଜିଲା କୋଟଗଡ ବ୍ଲକ ଖଣ୍ଡିଆଗୁଡା ଗ୍ରାମର ଲକ୍ଷ୍ମଣ ନାୟକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାତିରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିଲା। ତେବେ ବାଟରେ ତାଙ୍କର ମତ୍ୟୁ ଘଟିଥିଲା। ରବିବାର ରାତି ପ୍ରାୟ ୧୦ଟାରେ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ସୋମବାର ପୂର୍ବାହ୍ନ ୭ଟାରେ ପରିବାର ଲୋକ ଓ ଗ୍ରାମବାସୀ ଖଣ୍ଡିଆଗୁଡା ଛକ ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ବାଲିଗୁଡା-



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ମୁନିଗୁଡା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୭ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଗାଡି ଚଳାଚଳ ଠପ୍ ହୋଇଯାଇଥିଲା। କୋଟଗଡ ଆଇଆଇସି ନୀରୋଜ କୁମାର ସାମଲ ଓ କୋଟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ସି.ମୁର୍ମୁ, ବାଲିଗୁଡା ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ ପହଞ୍ଚି ମୃତ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କାର ଚେକ୍ ଏବଂ ନଗଦ ୨୫ ହଜାର ଟଙ୍କା ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଲକ୍ଷ୍ମଣ ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବାରୁ କୋର୍ଟ ତାଙ୍କୁ ୮ ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ। ତେଣୁ ସେ ୪ ବର୍ଷ ହେଲା ଫୁଲବାଣୀ ଜେଲ୍‌ରେ ଥିଲେ।

ଆକ୍ରମଣକାରୀ କାହ୍ନୁ ନିଜ ପୁଅଙ୍କୁ ହତ୍ୟା କରିବା ମାମଲାରେ ଅଭିଯୁକ୍ତ ଥାଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ । ମାନସିକ ଅବସ୍ଥା ଠିକ ନ ଥିଲା। ଶନିବାର ଘଟଣା ପରେ ଜେଲ୍ ଅଧୀକ୍ଷକ ଗରୀବ ସାହୁ ବାଲିଗୁଡା ଥାନାରେ ଏକ ଏତଲା ଦେଇଥିଲେ।

# ହକି ବିଶ୍ୱ କପ ଦେଖିବାକୁ ୧୧୦ ଯୁବକଙ୍କୁ ପଠାଇଲା ପ୍ରଶାସନ




ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ଛତ୍ରପୁର,୩।୧୨(ଡି.ଏନ.ଏ.)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ ହକି ଚାଲିଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୦୦ଜଣ ଯୁବକ ବିଶ୍ୱକପ ହକି ଦେଖିବାକୁ ସୋମବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ସେମାନଙ୍କ ସହ ଆଉ ୧୦ ଜଣ ବିଜୁ ଯୁବ ବାହିନୀର ସଦସ୍ୟ ମଧ୍ୟ ଯାଇଛନ୍ତି। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ୨ଟି ବସ ଯୋଗେ ସେମାନଙ୍କୁ ଭୁବନେଶ୍ୱର ପଠାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ ଓ ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡାଙ୍କ ସମେତ ଜିଲା ପ୍ରଶାସନର କର୍ମକର୍ତ୍ତାଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶିକାରୀଙ୍କ କବଳରୁ ସମ୍ବର ଉଦ୍ଧାର

ଦିଗପହଣ୍ଡି,୩।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଦେଓଖାଳି ଗ୍ରାମର ଯୁବକମାନେ ଶିକାରୀ କବଳରୁ ଏକ ସମ୍ବରକୁ ଉଦ୍ଧାର କରିଛନ୍ତି। ସୋମବାର ମଧ୍ୟାହ୍ନରେ ଜଙ୍ଗଲରୁ ବାଟହୁଡ଼ି ସମ୍ବରଟି ଜନବସତି ଅଞ୍ଚଳକୁ ଚାଲି ଆସିଥିଲା। କିଛି ବ୍ୟକ୍ତି ମାଂସ ଲୋଭରେ ସମ୍ବରଟିକୁ ଶିକାର କରିବା ଉଦ୍ଦେଶ୍ୟରେ ଠେଙ୍ଗା ବାଡ଼ି ଧରି ଗୋଡ଼ାଇଥିଲେ। ସମ୍ବରଟି ଦେଓଖାଳି ଗାଁ ସଂଲଗ୍ନ ଧାନଜମି ପଙ୍କ କାଦୁଅରେ ଛନ୍ଦି ହୋଇ ପଡ଼ିଯାଇଥିଲା। ଗ୍ରାମର ସଞ୍ଜୟ ବେହେରା, ନୀଳାଞ୍ଚଳ ବେହେରା, ପିଙ୍କୁ ପାତ୍ର ପ୍ରମୁଖ ପହଞ୍ଚି ସମ୍ବରଟିକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ଦିଗପହଣ୍ଡି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ, ବନପାଳ ପ୍ରଶାନ୍ତ କୁମାର କାର୍ଜି ପ୍ରମୁଖ ଗାଁରେ ପହଞ୍ଚି ସମ୍ବରଟିକୁ ଉଦ୍ଧାର କରିଥିଲେ। ଚିକିତ୍ସା ପରେ କଳିଙ୍ଗଦଳା ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ସାପ କାମୁଡାରେ ନାବାଳିକାଙ୍କ ମୃତ୍ୟୁ

ଭଞ୍ଜନଗର,୩।୧୨(ଡି.ଏନ.ଏ.)

ବେଲଗୁଣ୍ଠା ଫାଣ୍ଡି ଅନ୍ତର୍ଗତ ସୁଡୁମୁସରର ରେଖା ଦଳାଇ (୧୭)ଙ୍କର ସୋମବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ବିଲରେ ଧାନ କାଟୁଥିବାବେଳେ ରେଖାଙ୍କୁ ସାପ କାମୁଡି ଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବୀମା କମ୍ପାନୀ ଅଫିସ ଉଚ୍ଛେଦକୁ ବିରୋଧ

ବାଲିଗୁଡ଼ା,୩।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଟାଉନ୍‌ରେ ଥିବା ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀର ମାଇକ୍ରୋ ବୀମା ଅଫିସ୍ ଉଚ୍ଛେଦକୁ ବିରୋଧକରି ବୀମାଧାରୀ ମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରକାଶ ଯେ ୨୦୧୪ରୁ ବାଲିଗୁଡ଼ା ଠାରେ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀର ଏକ ମାଇକ୍ରୋ ଅଫିସ୍ ସ୍ଥାପିତ ହୋଇଥିଲା। ଏହି ଅଫିସ୍ ଦ୍ୱାରା ବାଲିଗୁଡା ଉପଖଣ୍ଡର ବାଲିଗୁଡ଼ା, ତୁମୁଡ଼ିବନ୍ଧ, କୋଟଗଡ଼, କ.ନୂଆଗାଁ ଓ ଦାରିଙ୍ଗବାଡ଼ି ଆଦି ପାଞ୍ଚଟି ବ୍ଲକ୍‌ର ଲୋକେ ସମସ୍ତ ପ୍ରକାର ସୁବିଧା ପାଉଥିଲେ। ବର୍ତ୍ତମାନ ଏହି ଅଫିସକୁ ବାଲିଗୁଡା ଠାରୁ ଉଚ୍ଛେଦର କରିବା ପାଇଁ କମ୍ପାନୀ ନିଷ୍ପତ୍ତି ନେଇଛି। ଏହି ଖବର ପାଇବା ପରେ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ଅଫିସ୍ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିପ୍ରତି




ସ୍ଥାନୀୟ ଲୋକେ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି।

କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ବାଲିଗୁଡାର ଏହି କାର୍ଯ୍ୟାଳୟକୁ ଉଚ୍ଛେଦ ନକରି ପୂର୍ବଭଳି ନିୟମିତ ଚାଲୁ ରଖିବାକୁ ଦାବି କରିଛନ୍ତି। ଯଦି ଏହା ନ ହୁଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତିବ୍ରତର କରିବା ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଶତାଧିକ ବୀମାଧାରୀଙ୍କ ତରଫରୁ ପୂର୍ବତନ ବିଧାୟକ ଲକ୍ଷ୍ମୀକାନ୍ତ ମଲିକ ଏବଂ ସିକନ୍ଦର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ଼ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:**
**ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୫୮୫୦/୯୪୩୯୬୮୩୯୯୯)

ଦୂରଭାଷ: ୦୬୮୪-୨୫୮୦୧୦୧/୨୫୪୯୩୦୨

# ଏଟିଏମ ବ୍ୟାଟେରି ଚୋରି ଘଟଣା, ୫ କୋର୍ଟ ଚାଲାଣ

## ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର ହେଲେ ନାବାଳକ

ଗୋପାଳପୁର,୩।୧୨

ଗୋପାଳପୁର ଥାନା ଡୁରା ଗ୍ରାମସ୍ଥିତ ଏଟିଏମ ବ୍ୟାଟେରି ଚୋରି ଘଟଣାରେ ପୋଲିସ ୫ ଜଣଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନ୍ତରଭାଟିଆ ଗ୍ରାମର ଜି. ରାମେୟା, ଗୌତମ ଦାସ, ମହେଶ ପ୍ରଧାନ, କିରଣ କୁମାର ଦାସ ଓ ସୁନିଲ ଦାସ। ଘଟଣାରେ ସମ୍ପୃକ୍ତ ନାବାଳକ ଛାତ୍ରଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡକୁ ପଠାଯାଇଛି। ଅଭିଯୁକ୍ତମାନଙ୍କ ଠାରୁ ୬ଟି ବ୍ୟାଟେରି ଜବତ କରାଯାଇଛି।

ଗତ ୨୫ ତାରିଖ ମଧ୍ୟରାତ୍ରରେ ଡୁରାସ୍ଥିତ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ କାଉଣ୍ଟରରେ ପଶି ଅଭିଯୁକ୍ତମାନେ କଟରରେ କାଟି ୬ଟି ବ୍ୟାଟେରୀ ନେଇଯାଇଥିଲେ। ୨୬ ତାରିଖରେ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଟେରି ଚୋରି ହୋଇଥିବା ଜାଣି ଗୋପାଳପୁର ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ.୧୪୭/୧୮ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ରବିବାର କୌଣସି ସୂତ୍ରରୁ ଖବରପାଇ ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ଅନ୍ତରଭାଟିଆ ଗ୍ରାମରେ ଅତର୍କିତ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିବା ସହ ବ୍ୟାଟେରି ଜବତ କରିଥିଲା।

## ଉଦୟ ପ୍ରତାପ ଡିଗ୍ରୀ କଲେଜ

# ବାରଣ୍ଡାରେ ତଳେ ବସି ପଢୁଛନ୍ତି ଛାତ୍ରୀଛାତ୍ର

ଶେରଗଡ,୩।୧୨(ଡି.ଏନ୍.ଏ.)

ଶେରଗଡ ବ୍ଲକର ଏକମାତ୍ର ଡିଗ୍ରୀ କଲେଜ ହେଉଛି ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟ। ଏଠାରେ ବିଭିନ୍ନ ସମସ୍ୟା ଯୋଗୁ କଲେଜର ବିକାଶ ହୋଇପାରୁନି। ଏହି କଲେଜରେ କେବଳ ଯୁକ୍ତ ତିନି କଳାର ୩ଟି ବିଭାଗରେ ଅନର୍ସ ରହିଛି। ଛାତ୍ରୀଛାତ୍ର ସଂଖ୍ୟା ୬୦୮ ଥିବାବେଳେ ପାଠପଢା ନିମନ୍ତେ ଦରକାର ୧୩ ଶ୍ରେଣୀ କକ୍ଷ, ମାତ୍ର ୫ଟି କକ୍ଷ ରହିଛି। ଫଳରେ ଡିଗ୍ରୀ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ତଳେ ବସି ପଢୁଛନ୍ତି। କଲେଜର ଶ୍ରେଣୀ କୋଠରି, ବାଳିକା କମନ ରୁମ, ବାଳକ କମନ ରୁମ, ସ୍ୱତନ୍ତ୍ର ଲାଇବ୍ରେରୀ, ସଭାପ୍ରକୋଷ୍ଠ ଓ ୫ରୁ ଅଧିକ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ କରାଯିବା ନିତାନ୍ତ ଜରୁରୀ। ମାତ୍ର

### ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ନାହିଁ



ଛାତ୍ରୀଛାତ୍ରମାନେ ବାରଣ୍ଡାରେ ପଢୁଛନ୍ତି।

ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ୬୦୮ ଛାତ୍ରୀଛାତ୍ରଙ୍କ ପାଇଁ ପିଇବା ପାଣି ନାହିଁ, ପାହାଡ ଉପରେ କଲେଜଟି ଅବସ୍ଥାପିତ ହୋଇଥିବାରୁ ନଳକୂପ ଖୋଳାଯାଇପାରୁନି କି ଖୋଲିଲେ ମଧ୍ୟ ପାଣି ବାହାରୁନି। ପିଇବା ପାଣିର ସୁବିଧା ପାଇଁ ଏକ ପାଣି ପ୍ରକଳ୍ପ ଶେରଗଡ ହାଟବନ୍ଧ ପାଖରୁ ବୋର କରି ନିଆଗଲା ହେଲେ ସେଥିରୁ ମଧ୍ୟ ପାଣି ଯୋଗାଣ ହୋଇପାରୁନାହିଁ। ପାଇଖାନା କଥା ନ କହିଲେ ଭଲ। ଏକ ପ୍ରାଇଭେଟ ସଂସ୍ଥା ପକ୍ଷରୁ ପାଇଖାନା ନିର୍ମାଣ କରାଗଲା। ଯାହା ଅଧାପନ୍ତରିଆ ହୋଇ ପଡି ରହିଛି। ଫଳରେ ଡିଗ୍ରୀ କରୁଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ବାରମ୍ବାର ବିଡିଓ ଓ ସମ୍ପୃକ୍ତ ବିଭାଗକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଛାତ୍ର ପ୍ରତିନିଧିମାନେ ଦାବି କରିଛନ୍ତି। ଜିଲାପାଳ ଓ ସ୍ଥାନୀୟ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏ ଦିଗରେ ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ଏନେଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁ କହିଛନ୍ତି, ଉପରୋକ୍ତ ସମସ୍ୟା ଆମ କଲେଜର ବିକାଶରେ ବାଧକ ସାଜିଛି। ବିଭାଗୀୟ ଅଧିକାରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଆଉ କେତୋଟି ଶ୍ରେଣୀ କୋଠରି, ପାଇଖାନା ଓ ପିଇବା ପାଣିର ବ୍ୟବସ୍ଥା କଲେ ଭଲ ହୁଅନ୍ତା।

Dr. Juneja's
ପେଟ ସଫା
Natural Laxative Granules & Tablets

Quality you can Trust
AYUSH
Premium

ଆମର ଏହି ପ୍ରୟାସ, ଆପଣଙ୍କୁ ମିଳୁ ସର୍ବଦା
**ଉଚ୍ଚ ଗୁଣବତ୍ତା** ଏବଂ
**ମାନକରେ ଉତ୍ତୀର୍ଣ୍ଣ ଉତ୍ପାଦ**

"ଆୟୁର୍ବେଦିକ ଉତ୍ପାଦଗୁଡ଼ିକର ଗୁଣବତ୍ତାର ସ୍ୱେଚ୍ଛାକୃତ ପ୍ରମାଣନ ପାଇଁ ଭାରତ ସରକାରଙ୍କ ଦ୍ୱାରା ପରିଷଦ ସ୍ଥାପନ କରାଯାଇଛି, ଯାହା ମାଧ୍ୟମରେ ଔଷଧ ନିର୍ମାତାଙ୍କୁ ଗୁଣବତ୍ତା ଆଧାରରେ ଉତ୍ପାଦଗୁଡ଼ିକ ପାଇଁ ଚିହ୍ନ ଦିଆଯାଇଥାଏ। ଏହାର ମାନକକୁ ପୂରଣ କରୁଥିବା କମ୍ପାନୀଗୁଡ଼ିକୁ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ପାଇଁ **ଆୟୁଷ ଷ୍ଟାଣ୍ଡାର୍ଡ ମାର୍କ** ପ୍ରଦାନ କରାଯାଇଥାଏ, ଯାହା ଦୁନିଆର ସବୁ ଦେଶରେ ମାନ୍ୟତା ରଖିଥାଏ। ଆମେ ଗର୍ବିତ ଯେ ଆମର ଉତ୍ପାଦ ଆୟୁର୍ବେଦିକ ପେଟ ସଫାକୁ **ଆୟୁଷ ଷ୍ଟାଣ୍ଡାର୍ଡ ମାର୍କ** ମିଳିସାରିଛି। ଆମେ ଭବିଷ୍ୟତରେ ମଧ ଏହି ଉଚ୍ଚ ଗୁଣବତ୍ତା ପାଇଁ ନିଜ ଉପଭୋକ୍ତାଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ରହିବୁ।"






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ